**ସଂକ୍ଷେପରେ**

## ଗର୍ଭବତୀଙ୍କୁ ସରକାରୀ ଜମିରୁ ଉଚ୍ଛେଦ ଘଟଣା
## ରେଡକ୍ରସ୍‌ରୁ ମିଳିଲା ଟଙ୍କା ଓ ଘର ପାଇଁ ପ୍ରତିଶ୍ରୁତି

**କେନ୍ଦ୍ରାପଡ଼ା ଅଫିସ/ଡେରାବିଶ (ସ୍ୱ.ପ୍ର.),୨୫ା୭:** କେନ୍ଦ୍ରାପଡ଼ା ଜିଲା ଡେରାବିଶ ବ୍ଲକ ଚାଟରାପାଟଣା ଗ୍ରାମ ସରକାରୀ ଜମିରୁ ଗର୍ଭବତୀଙ୍କ ଘର ଭାଙ୍ଗିବା ସମ୍ପର୍କରେ ଧରିତ୍ରୀରେ ଖବର ପ୍ରକାଶ ପରେ ପ୍ରଶାସନିକ ତତ୍ପରତା ପ୍ରକାଶ ପାଇଛି। ରେଡକ୍ରସ୍ ପକ୍ଷରୁ ତାଙ୍କ ପରିବାରକୁ ୧୦ ହଜାର ଟଙ୍କା ଦିଆଯାଇଥିବାବେଳେ ଆବାସ ଯୋଜନାରେ ସାମିଲ ପାଇଁ ପ୍ରକ୍ରିୟା ଜାରି ରହିଛି। ଏ ସମ୍ପର୍କରେ ତହସିଲଦାର ସସ୍ମିତ କୁମାର ଶତପଥୀ ସୂଚନା ଦେଇଛନ୍ତି। ସୂଚନାଯୋଗ୍ୟ, ଏହି ତହସିଲ ଅନ୍ତର୍ଗତ ବଳଭଦ୍ରପୁର ଗ୍ରାମର ଧ୍ରୁବଚରଣ ବେହେରା ୬ବର୍ଷ ପୂର୍ବେ ସ୍ଥାନୀୟ ଅଞ୍ଚଳର ଭିନ୍ନ ସମ୍ପ୍ରଦାୟର ସାନୁ ବେଗମଙ୍କୁ ପ୍ରେମ ବିବାହ କରିଥିଲେ। ତାଙ୍କର ଗୋଟିଏ ପୁଅ ଥିବାବେଳେ ଏବେ ସେ ଗର୍ଭବତୀ ଅଛନ୍ତି। ପ୍ରେମ ବିବାହ ସମୟରେ ଗ୍ରାମରେ ଅଶାନ୍ତି ସୃଷ୍ଟି ହେବାରୁ ଚାଟରାପାଟଣା ଗ୍ରାମ ନିକଟ ସରକାରୀ ଜମିରେ ଘର କରି ରହିଥିଲେ। ପରିବାର ପ୍ରତିପୋଷଣ ପାଇଁ ଏକ ଛୋଟ ପାନଦୋକାନ କରିଥିଲେ। ତେବେ କିଛିଦିନ ପୂର୍ବେ ତହସିଲଦାର ସେମାନେ ଘରେ ନ ଥିବା ବେଳେ ଘରକୁ ଭାଙ୍ଗି ଦେଇଥିଲେ। ପରିବାର ଲୋକେ ଗର୍ଭବତୀଙ୍କୁ ନେଇ ଏକ ଜରିପାଲ ତଳେ ରହୁଥିବା ନେଇ ଧରିତ୍ରୀରେ ରିପୋର୍ଟ ପ୍ରକାଶ ପାଇଥିଲା। ଏହା ପରେ ଜିଲାର ବିଭିନ୍ନ ସଂଗଠନ ଓ ବୁଦ୍ଧିଜୀବୀ ଜିଲା ପ୍ରଶାସନକୁ ସମାଲୋଚନା କରିଥିଲେ।

## ପ୍ରାପ୍ୟ ପାଇନାହାନ୍ତି ଜବ୍‌କାର୍ଡଧାରୀ

**ଡେରାବିଶ, ୨୫ା୭(ସ୍ୱ.ପ୍ର.):** ଡେରାବିଶ ବ୍ଲକ ହରିଅଙ୍କ ପଞ୍ଚାୟତର ଜବ୍‌କାର୍ଡ଼ଧାରୀମାନେ ଏଏମ୍‌ଜିଏନ୍‌ଆର୍‌ଇଜିଏସ୍‌ରେ କାର୍ଯ୍ୟକରି ପ୍ରାପ୍ୟପାଇ ନ ଥିବାରୁ ଅସନ୍ତୋଷ ପ୍ରକାଶ କରିଛନ୍ତି। ହରିଅଙ୍କ ପଞ୍ଚାୟତରେ ୧୫ ଲକ୍ଷ ଟଙ୍କା ବ୍ୟୟ ଅଟକଳରେ ନାୟକସାହି ଠାରୁ ଜେନାସାହି ମେଲଣ ପଡ଼ିଆ, ନବୀନ ଦାସ କୁଦ କେନାଲ୍ ବନ୍ଧଠାରୁ ଶ୍ମଶାନଯାଏ ନୂତନ ରାସ୍ତା ନିର୍ମାଣ ଏବଂ ବ୍ରାହ୍ମଣ ପଡ଼ିଆ ଶ୍ମଶାନ ଖାଲ ପୋତେଇ ତିନୋଟି ପ୍ରକଳ୍ପ କାର୍ଯ୍ୟ ଚାଲୁଛି। ପ୍ରତି କାର୍ଯ୍ୟରେ ୧୫୦ରୁ ଉର୍ଦ୍ଧ୍ୱ ଜବ୍‌କାର୍ଡ଼ଧାରୀ କାର୍ଯ୍ୟ କରୁଥିବା ବେଳେ ଗୋଟିଏ ପ୍ରକଳ୍ପରେ ୧୮ଦିନ କାର୍ଯ୍ୟକରି ୯ ଦିନର ଓ ଅନ୍ୟ ଏକ ପ୍ରକଳ୍ପରେ ୫ ସପ୍ତାହ କାର୍ଯ୍ୟ କରି ୩ ସପ୍ତାହର ଟଙ୍କା ପାଇଛନ୍ତି। ଅନ୍ୟ କାର୍ଯ୍ୟଦିବସ ଗୁଡ଼ିକର ପାରିଶ୍ରମିକ ପାଇ ନ ଥିବାରୁ ୱାର୍ଡସଭ୍ୟ ସୁରେନ୍ଦ୍ରନାଥ ବାରିକ, ଅଭୟ କୁମାର ମଲ୍ଲିକ ଓ ଜୟନ୍ତ ସ୍ୱାଇଁ ପ୍ରମୁଖ ଜବ୍‌କାର୍ଡ଼ଧାରୀ ହରିଅଙ୍କ ସରପଞ୍ଚ ଓ କାର୍ଯ୍ୟନିର୍ବାହୀଙ୍କୁ ଦାୟୀ କରିଛନ୍ତି। ଏ ବିଷୟରେ ସରପଞ୍ଚ ଯୁଗଳ ମହାନ୍ତି କହନ୍ତି, ସମସ୍ତ ପ୍ରକଳ୍ପର ମଷ୍ଟର ରୋଲ୍ ପଞ୍ଚାୟତର ଗ୍ରାମ ରୋଜଗାର ସେବକ ପ୍ରସ୍ତୁତ କରୁଥିବାବେଳେ ବିଭାଗୀୟ ଯନ୍ତ୍ରୀ କାର୍ଯ୍ୟର ମାପକରି ବିଲ୍ ପ୍ରସ୍ତୁତ କରିଥାନ୍ତି। ବିଭାଗୀୟ ଯନ୍ତ୍ରୀ ମଧୁସ୍ମିତା ମଲ୍ଲିକ କୁହନ୍ତି, ଦୈନିକ ଜଣେ ଶ୍ରମିକ ୧୦୦ ସ୍କୋୟାର ଫୁଟ ମାଟିକାର୍ଯ୍ୟ କଲେ ତା'ର ସମ୍ପୂର୍ଣ୍ଣ ପ୍ରାପ୍ୟ ମିଳିବ। ମାପ ଅନୁଯାୟୀ ସେମାନଙ୍କ ବିଲ୍ ପାସ୍ କରାଯାଇଛି।

# ପ୍ରଦୂଷଣ ନିମନ୍ତ୍ରଣ କରୁଛି ନିମ୍ନମାନର ଯନ୍ତ୍ରପାତି

**ଯାଜପୁର ଅଫିସ,୨୫ା୭**

ଯାଜପୁର ଜିଲା କଳିଙ୍ଗନଗର ଶିଳ୍ପାଞ୍ଚଳର ବିଭିନ୍ନ କାରଖାନାରେ ନିମ୍ନମାନର ପ୍ରଦୂଷଣ ନିୟନ୍ତ୍ରଣ ଯନ୍ତ୍ରପାତି ଉତ୍କଟ ପ୍ରଦୂଷଣକୁ ନିମନ୍ତ୍ରଣ କରିଆସୁଛି। ଏଥିଯୋଗୁ ବେସରକାରୀ ପରିବେଶ ସମ୍ବନ୍ଧୀୟ ସଂସ୍ଥା 'ଗ୍ରୀନପିସ୍'ର ସର୍ଭେ ଅନୁଯାୟୀ କଳିଙ୍ଗନଗର ରାଜ୍ୟର ଦ୍ୱିତୀୟ ପ୍ରଦୂଷିତ ସହରର ଆଖ୍ୟା ପାଇଛି। ଏନେଇ କଳିଙ୍ଗନଗର ପରିବେଶ ସୁରକ୍ଷା ସମିତି ଦୀର୍ଘ ବର୍ଷ ହେବ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ(ଏସ୍‌ପିସିବି), ସିପିସିବି(କେନ୍ଦ୍ର ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ), ନ୍ୟାଶନାଲ ଗ୍ରୀନ୍ ଟ୍ରିବ୍ୟୁନାଲ (ଏନ୍‌ଜିଟି) ପ୍ରମୁଖଙ୍କ ଦୃଷ୍ଟିଆକର୍ଷଣ କରିଆସୁଛି। କିନ୍ତୁ ନିଜ ଦୋଷ ଦୁର୍ବଳତା ଲୁଚାଇବାକୁ ଯାଇ କାରଖାନାଗୁଡ଼ିକରେ ଆବଶ୍ୟକ ଯନ୍ତ୍ରପାତି ସ୍ଥାପନ କରାଯାଇ ପ୍ରଦୂଷଣକୁ ରୋକାଯାଇପାରିଛି ବୋଲି ଏସ୍‌ପିସିବି ଦାବି କରୁଥିବା ଅଭିଯୋଗ ହେଉଛି।

ଗତ ୨ ବର୍ଷ ମଧ୍ୟରେ ଯକ୍ଷ୍ମାରୋଗରେ ଜିଲାରେ ୨୦୧ ଜଣଙ୍କ ମୃତ୍ୟୁ ଘଟିଛି। ଏଥିରେ ଖଣି, ଶିଳ୍ପ ଅଞ୍ଚଳ ସୁକିନ୍ଦା ଓ ଦାନଗଦି ବ୍ଲକର ୧୦୭ ଜଣ ଥିବା ସ୍ୱାସ୍ଥ୍ୟ ବିଭାଗର ରିପୋର୍ଟରୁ ଜଣାପଡ଼ିଛି। ଏହି ମର୍ମରେ ଧରିତ୍ରୀ ଏବଂ ଓଡ଼ିଶାପୋଷ୍ଟରେ ଖବର ପ୍ରକାଶ ପାଇବା ପରେ 'ଯାଜପୁର ବଜ' ପକ୍ଷରୁ ଟୁଇଟ୍ ଯୋଗେ ମୁଖ୍ୟମନ୍ତ୍ରୀ ଓ ଜିଲା ପ୍ରଶାସନର ଦୃଷ୍ଟିଆକର୍ଷଣ କରାଯାଇଥିଲା। ଏହାପରେ ଜିଲାପାଳ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ(ଏସ୍‌ପିସିବି)ର କଳିଙ୍ଗନଗର ଆଞ୍ଚଳିକ ଅଧିକାରୀ(ଆରଓ)ଙ୍କୁ ଜବାବତଲବ କରିଥିଲେ। ଏହିକ୍ରମରେ ଆରଓ ପ୍ରମୋଦ କୁମାର ବେହେରା ତାଙ୍କ ପତ୍ରସଂଖ୍ୟା ନଂ. ୧୨୬୩/୨୩ା୭ା୨୦୨୦ରେ ଏଭଳି କୌଣସି ଅଭିଯୋଗ ବ୍ୟକ୍ତିଗତ କିମ୍ବା ଅନୁଷ୍ଠାନିକ ଭାବେ ହୋଇନାହିଁ ଏବଂ ଅନ୍‌ଲାଇନ କଣ୍ଟିନିୟସ୍ ଏମିଶନ୍ ମନିଟରିଂ ସିଷ୍ଟମ୍ (ଓସିଇଏମ୍ଏସ୍) ଜରିଆରେ ସିପିସିବି ପର୍ଯ୍ୟନ୍ତ ଦୈନିକ ପ୍ରଦୂଷଣ ସମ୍ପର୍କିତ ତଥ୍ୟ ଦାଖଲ ହେଉଛି ବୋଲି ଜିଲାପାଳଙ୍କୁ ଉତ୍ତର ରଖିଛନ୍ତି। ଏହାକୁ କଳିଙ୍ଗନଗର ପରିବେଶ ସୁରକ୍ଷା ସମିତି ପକ୍ଷରୁ ଚ୍ୟାଲେଞ୍ଜ କରି ଏସପିସିବି, ସିପିସିବି, ଏନ୍‌ଜିଟିର ଏକାଧିକ ଥର ଦୃଷ୍ଟିଆକର୍ଷଣ କରାଯାଇଛି ବୋଲି କହିଛନ୍ତି। ଏହାସହ ବିଭିନ୍ନ ନିର୍ମାଣକାରୀ ସଂସ୍ଥା ଦ୍ୱାରା ସ୍ଥାପିତ ହେଉଥିବା ପ୍ରଦୂଷଣ ନିୟନ୍ତ୍ରଣ ଯନ୍ତ୍ରପାତି ଅତି ନିମ୍ନମାନର ଯୋଗୁ କଳିଙ୍ଗନଗରରେ ପ୍ରଦୂଷଣ ସମସ୍ୟା ଅସମାହିତ ରହୁଛି। ଛୁଟିଦିନରେ ଓ ରାତିରେ ବିଦ୍ୟୁତ୍ ଖର୍ଚ୍ଚ ନିୟନ୍ତ୍ରଣ ପାଇଁ କେତେକ କାରଖାନାର ଇଏସ୍‌ପି(ଇଲେକ୍ଟ୍ରୋଷ୍ଟାଟିକ ପ୍ରେସିପିଟାଟର)କୁ ବନ୍ଦ କରି ବିଷାକ୍ତ ପାଉଁଶ ଧୂଆଁ ଛଡ଼ାଯାଉଛି ବୋଲି ସମିତି ପକ୍ଷରୁ ଅଭିଯୋଗ ହେଉଛି। ଏ ସଂକ୍ରାନ୍ତରେ ଏସ୍‌ପିସିବିର କଳିଙ୍ଗନଗର ଆରଓ ବେହେରାଙ୍କୁ ପଚାରିବାରୁ ସେ କହିଛନ୍ତି, ଏଭଳି କିଛି ସ୍ଥାନୀୟ ଅଭିଯୋଗ ଆସି ନାହିଁ। ପୂର୍ବରୁ ହୋଇଥିବା ଅଭିଯୋଗ ସମ୍ପର୍କରେ ତାଙ୍କୁ ଜଣାନାହିଁ। ଅନ୍‌ଲାଇନ ମନିଟରିଂ ସିଷ୍ଟମ୍‌ରେ ବେଳେବେଳେ ଭୁଲ୍ ରହୁଥିବା ଦେଖାଯାଉଛି। ତେବେ ଏହାର ସଂଶୋଧନ ଓ ମାନରେ ଉନ୍ନତି ଆଣିବାକୁ ବିଭାଗସ୍ତରରେ ଉଦ୍ୟମ ଜାରି ରହିଛି ବୋଲି ସେ କହିଛନ୍ତି।

**କଳିଙ୍ଗନଗରରେ ପ୍ରଦୂଷଣ, ଯକ୍ଷ୍ମାରୋଗ ପ୍ରସଙ୍ଗ**

- ଓସିଇଏମ୍ଏସ୍ ଦ୍ୱାରା ନିୟନ୍ତ୍ରଣ ହେଉଛି ପ୍ରଦୂଷଣ: ଏସ୍‌ପିସିବି
- ଜିଲାପାଳଙ୍କ ନିକଟରେ ଜବାବ ଦାଖଲ



## ୩୮ ଆକ୍ରାନ୍ତଙ୍କ ମଧ୍ୟରେ ୩୭ ଲୋକାଲ କେସ୍

**ନୟାଗଡ଼ ଅଫିସ/ଓଡଗାଁ/ଗଣିଆ, ୨୫ା୭(ସ୍ୱ.ପ୍ର./ଡି.ଏନ୍.ଏ.)**

ନୟାଗଡ଼ ଜିଲାରେ ଶନିବାର ୩୮ କରୋନା ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି। ଏମାନଙ୍କ ମଧ୍ୟରୁ ଜଣେ ସଙ୍ଗରୋଧ କେନ୍ଦ୍ରର ହୋଇଥିବାବେଳେ ଅନ୍ୟ ୩୭ ଜଣ ସ୍ଥାନୀୟ ଅଞ୍ଚଳର। ଏମାନଙ୍କୁ ମିଶାଇ ଜିଲାରେ ମୋଟ ଆକ୍ରାନ୍ତଙ୍କ ସଂଖ୍ୟା ୪୬୩ରେ ପହଞ୍ଚିଛି। ଗଣିଆ ବ୍ଲକର ୬, ନୂଆଗାଁରୁ ୧, ଓଡଗାଁରୁ ୨୯, ରଣପୁର ବ୍ଲକରୁ ୨ ଆକ୍ରାନ୍ତ ଚିହ୍ନଟ ହୋଇଥିବା ଜିଲାପାଳ ପୋମା ଟୁଡୁ ସୂଚନା ଦେଇଛନ୍ତି। ତାଙ୍କ ସୂଚନା ଅନୁସାରେ ଓଡଗାଁ ଏନ୍ଏସିର ୱାର୍ଡ ନଂ.୪ ଖାଡିତେଲିସାହି, ୱାର୍ଡ ନଂ.୬ ବଜାରସାହି ଓ ଶ୍ରୀରାମନଗର, ୱାର୍ଡ ନଂ.୭ ବଜାର ସାହି ଓ ଲଜ୍ ସାହି ଅନ୍ୟାଦେଶ ପର୍ଯ୍ୟନ୍ତ କଣ୍ଟେନ୍‌ମେଣ୍ଟ ଜୋନ୍ ଘୋଷଣା ହୋଇଛି। ଓଡଗାଁ ସହର, କୁରାଳ ତୋଟାସାହି, ଲଣ୍ଡାବାଡୁ, ସୁନାମୁହିଁ, ଭଗବତୀପ୍ରସାଦରୁ ସମସ୍ତ ରୋଗୀ ବାହାରିଛନ୍ତି। ସେହିପରି ଗଣିଆ ବ୍ଲକର ଗଣିଆ ପଞ୍ଚାୟତ ସୋମବାର ସକାଳ ୬ଟାରୁ ବୁଧବାର ସକାଳ ୬ଟା ପର୍ଯ୍ୟନ୍ତ ଶଟ୍‌ଡାଉନ ରହିବ। ସଂକ୍ରମଣକୁ ଏଡାଇବା ପାଇଁ ଏପରି ପଦକ୍ଷେପ ନିଆଯାଇଥିବା ସରପଞ୍ଚ ସସ୍ମିତା ଲେଙ୍କା କହିଛନ୍ତି।

## ମେଣ୍ଟେନାନ୍ସ ପାଇଁ ଶଟ୍‌ଡାଉନ୍ ହେଲା ଆଇଓସିଏଲ୍

**ପାରାଦୀପ,୨୫ା୭(ସ୍ୱ.ପ୍ର.)**

ମେଣ୍ଟେନାନ୍ସ କାର୍ଯ୍ୟ ପାଇଁ ପାରାଦୀପ ତୈଳ ବିଶୋଧନାଗାର ଶନିବାରଠାରୁ ଶଟ୍‌ଡାଉନ୍ ହୋଇଛି। ଅଗଷ୍ଟ ୧୫ ପର୍ଯ୍ୟନ୍ତ ଏହା ବଳବତ୍ତର ରହିବ ବୋଲି ଜିଲା ପ୍ରଶାସନ ପକ୍ଷରୁ କୁହାଯାଇଛି। ଏହି କାର୍ଯ୍ୟ ପାଇଁ ବାହାର ରାଜ୍ୟରୁ ୧୨ ଶହ ବୈଷୟିକ କର୍ମଚାରୀ ଓ ଶ୍ରମିକ ଆସିଛନ୍ତି। ସେମାନଙ୍କ ମଧ୍ୟରୁ ୬୯୨ ଜଣଙ୍କ ସ୍ୱାବ୍ ଟେଷ୍ଟ କରାଯାଇଛି। ଏଠାରେ ସଂଗ୍ରହ କରାଯାଇଥିବା ସ୍ୱାବ୍ ପ୍ରତିଶତ ହିସାବରେ ଦେଖାଗଲେ ପୃଥିବୀରେ ଏକ ରେକର୍ଡ ବୋଲି ଜିଲାପାଳ ସଂଗ୍ରାମ କେଶରୀ ମହାପାତ୍ର ଭିଡିଓ ବାର୍ତ୍ତା ଯୋଗେ ସୂଚନା ଦେଇଛନ୍ତି। ସମସ୍ତ କାର୍ଯ୍ୟ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ନିୟମ ଅନୁସାରେ କରାଯାଉଛି ବୋଲି ସେ କହିଛନ୍ତି। ଅପରପକ୍ଷେ ପାରାଦୀପ ପୌରାଞ୍ଚଳରେ ଶୁକ୍ରବାର ସୁଦ୍ଧା ୬୮ ଓ କୁଜଙ୍ଗ ବ୍ଲକରେ ୫୭ ପଜିଟିଭ ଚିହ୍ନଟ ହୋଇଛନ୍ତି। ଆକ୍ରାନ୍ତଙ୍କ ମଧ୍ୟରୁ ୯୦ ପ୍ରତିଶତ ବାହାର ରାଜ୍ୟର ବୋଲି ଜଣାପଡ଼ିଛି। ଏନେଇ ସ୍ଥାନୀୟ ଅଞ୍ଚଳର ଲୋକେ ଭୟଭୀତ ହୋଇଯାଇଛନ୍ତି। ବାହାର ରାଜ୍ୟ ଶ୍ରମିକଙ୍କ ଦ୍ୱାରା ହେବାକୁ ଥିବା ମେଣ୍ଟେନାନ୍ସ କାର୍ଯ୍ୟକୁ ବିଜେଡି ନଗର ସଭାପତି ବସନ୍ତ ବିଶ୍ୱାଳ ବିରୋଧ କରିଛନ୍ତି।

## ରାମମନ୍ଦିର ପାଇଁ ବିରଜାଙ୍କ ପୀଠରୁ ମାଟି ପ୍ରେରଣ

**ଯାଜପୁର ଟାଉନ,୨୫ା୭(ଡି.ଏନ.ଏ.)**

ଅଯୋଧରେ ଶ୍ରୀରାମ ମନ୍ଦିର ଭୂମି ପୂଜନ ପାଇଁ ଶନିବାର ଯାଜପୁର ବିଶ୍ୱହିନ୍ଦୁ ପରିଷଦ ପକ୍ଷରୁ ବୈତରଣୀ ଜଳ ଓ ମା' ବିରଜାଙ୍କ କ୍ଷେତ୍ରରୁ ମାଟି ଏବଂ ମା'ଙ୍କ ଆଜ୍ଞାମାଳ ପ୍ରେରଣ କରାଯାଇଛି। ଯାଜପୁର ବିଶ୍ୱହିନ୍ଦୁ ପରିଷଦ ଓ ବଜରଙ୍ଗ ଦଳ ପକ୍ଷରୁ ଟଙ୍କା ଓ ଇଟା ପ୍ରେରଣ କରାଯାଇଛି। କାର୍ଯ୍ୟକ୍ରମରେ ବିଶ୍ୱହିନ୍ଦୁ ପରିଷଦ କେନ୍ଦ୍ରାପଡ଼ା ବିଭାଗ ସାମାଜିକ ସମରସତ୍ତା ପ୍ରମୁଖ ଅରବିନ୍ଦ ଦାସ, ଆଡ୍‌ଭୋକେଟ ଶ୍ରୀଧର ନାୟକ, ସେବା ପ୍ରମୁଖ ଦୋଳଗୋବିନ୍ଦ ଜେନା, ବଜରଙ୍ଗ ଦଳର ସୂଚନା ପ୍ରମୁଖ ମୃତ୍ୟୁଞ୍ଜୟ ପଟ୍ଟନାୟକ, ପ୍ରଚାର ପ୍ରସାର ପ୍ରମୁଖ ଦେବୀପ୍ରସାଦ ପାଣି, ବଜରଙ୍ଗ ଦଳର ସରୋଜ ପତି, ସୁଧାଂଶୁ ଶେଖର ଦାସ, ସୁବ୍ରତ ଦାସ ପ୍ରମୁଖ ଯୋଗ ଦେଇଥିଲେ। ରାମ ମନ୍ଦିର ଆୟୋଜନର ବରିଷ୍ଠ କାର୍ଯ୍ୟକର୍ତ୍ତା ରାମଚନ୍ଦ୍ର ବେହୁରିଆ ମାର୍ଗ ଦର୍ଶନ କରିଥିଲେ। ଜିଲା ବିଶ୍ୱହିନ୍ଦୁ ପରିଷଦ କାର୍ଯ୍ୟକାରୀ ସଭାପତି ଅକ୍ଷୟ ବଳ ସମସ୍ତ କାର୍ଯ୍ୟ ତଦାରଖ କରିଥିଲେ। ଶୁଭମ ସିଂ, ରମେଶ ଚନ୍ଦ୍ର ବେହେରା, ପରମେଶ୍ୱର ପଣ୍ଡା ଓ ଶରତ ଚନ୍ଦ୍ରସାହୁ ପ୍ରମୁଖ ସହଯୋଗ କରିଥିଲେ।

## ପାର୍କିଂ ସ୍ଥାନରେ ଅସ୍ଥାୟୀ ପରିବା ମାର୍କେଟ

**ରାଜପଥ ଉପରେ ଯାନବାହନ, ବଢୁଛି ଦୁର୍ଘଟଣା**

**ନୟାଗଡ଼ ଅଫିସ,୨୫ା୭**

ନୟାଗଡ଼ ସହର ପୁରୁଣା ଜେଲ ଜମି ଦୁର୍ଗାମଣ୍ଡପ ସମ୍ମୁଖ ପାର୍କିଂସ୍ଥାନରେ ଗଢ଼ିଉଠିଛି ଅସ୍ଥାୟୀ ପନିପରିବା ମାର୍କେଟ। ଫଳରେ ପରିବା କିଣିବାକୁ ଆସୁଥିବା ଲୋକମାନେ ବଲାଙ୍ଗୀର-ଖୋର୍ଦ୍ଧା ୫୭ନଂ. ଜାତୀୟ ରାଜପଥ ଉପରେ ଯାନବାହନ ରଖିବାକୁ ବାଧ୍ୟ ହେଉଛନ୍ତି। ଏହା ଦ୍ୱାରା ପଠାଣି ସାମନ୍ତ ଅଡିଟୋରିୟମ ସମ୍ମୁଖ ରାସ୍ତା ଉପରେ ସବୁବେଳେ ଟ୍ରାଫିକ ଜାମ ହେଉଛି। ଏପରି କି ଦୁର୍ଘଟଣା ମଧ୍ୟ ଘଟୁଛି। ଗତ ୧୫ଦିନ ମଧ୍ୟରେ ପ୍ରାୟ ୧୮ଟି ଦୁର୍ଘଟଣା ଘଟିସାରିଲାଣି । କରୋନା କଟକଣା ଯୋଗୁ ସ୍ଥାନ ଅଭାବ ଦର୍ଶାଇ ଏହି ସ୍ଥାନରେ ଅସ୍ଥାୟୀ ପରିବା ଦୋକାନ ଗଢ଼ି ଉଠିଛି। ଏଥିପ୍ରତି ପ୍ରଶାସନର ଦୃଷ୍ଟି ପଡୁ ନ ଥିବାରୁ ଟ୍ରାଫିକ ସେବା ବିପର୍ଯ୍ୟସ୍ତ ହୋଇପଡୁଛି। ପ୍ରକାଶଥାଉ କି ଜେଲ ପଛପଟେ ପୌର ପରିଷଦ ପକ୍ଷରୁ ଅସ୍ଥାୟୀ ପନିପରିବା ମାର୍କେଟ କରାଯାଇଛି। ହେଲେ ଏଠାରେ ପନିପରିବା ଦୋକାନ ହ୍ରାସ ପାଇବାରେ ଲାଗିଛି। ପୁଣି ଏଠାକାର ଅଞ୍ଚଳରେ ପନିପରିବା କିଣିବାକୁ ଗ୍ରାହକଙ୍କ ଭିଡ ନାହିଁ। ଅନ୍ୟପକ୍ଷେ ପନିପରିବା ମାର୍କେଟରେ ଗ୍ରାହକମାନଙ୍କୁ କେତେକ ବ୍ୟବସାୟୀ ଠକୁଥିବା ଅଭିଯୋଗ ହେଉଛି। ୧କିଲୋ ଓଜନର ପନିପରିବାରେ ୫୦ରୁ ୧୦୦ ଗ୍ରାମ କମ ରହୁଛି। ବ୍ୟବସାୟୀମାନେ ମନଇଚ୍ଛା ଦରରେ ଆଳୁ, ପିଆଜ ବିକ୍ରି କରୁଛନ୍ତି। ଏବେ ନୟାଗଡରେ ଆଳୁ ଅଢ଼େଇ କିଲୋକୁ ୮୦ଟଙ୍କାରେ ବିକ୍ରି ହେଉଛି। ଏ ନେଇ ନୟାଗଡ ପୌର ପରିଷଦର ନିର୍ବାହୀ ଅଧିକାରୀ ସନ୍ତୋଷ କୁମାର ଜେନା କୁହନ୍ତି, ଦୁର୍ଗା ମଣ୍ଡପ ସମ୍ମୁଖ ପାର୍କିଂସ୍ଥାନରେ ଗଢ଼ିଉଠିଥିବା ପରିବା ମାର୍କେଟ ସ୍ଥାନାନ୍ତର କରାଯିବ। ସୋମବାର ଏଠାରୁ ଦୋକାନ ହଟାଯିବ ବୋଲି ସେ କହିଛନ୍ତି।



ପାର୍କିଂ ସ୍ଥଳରେ ପରିବା ବଜାର।

## ବର୍ଷାଋତୁ ଆସିଲେ ବଢ଼େ ଚିନ୍ତା
# ୩ ଗାଁ ବାହ୍ୟଜଗତରୁ ବିଚ୍ଛିନ୍ନ

**ନୟାଗଡ଼ ଅଫିସ/ଦଶପଲ୍ଲା, ୨୫ା୭(ଡି.ଏନ୍.ଏ.)**

ବର୍ଷାଋତୁ ଆସିଲେ ନୟାଗଡ଼ ଜିଲା ଦଶପଲ୍ଲା ବ୍ଲକ ଘୁଗୁଡିପଡା ପଞ୍ଚାୟତର ଝଟିକିବେରଣା, କଦଳୀବାରି ଓ ଡିମିରିଆ ଗାଁ ଲୋକଙ୍କ ଚିନ୍ତା ବଢ଼େ। ମର୍ଦ୍ଦାବାଡି ଗାଁ ନିକଟ ନାଳରେ ପାଣି ଆସିଲେ ଏହି ଗାଁଗୁଡିକ ବାହ୍ୟଜଗତରୁ ବିଚ୍ଛିନ୍ନ ହୋଇପଡେ। ୨ଦିନ ପୂର୍ବରୁ ପ୍ରବଳ ବର୍ଷା ଯୋଗୁ ନାଳରେ କୂଳଲଘିଂ ପାଣି ପ୍ରବାହିତ ହେଉଛି। ଫଳରେ ଗ୍ରାମବାସୀ ଏକପ୍ରକାର ବନ୍ଦୀ ଜୀବନ କାଟୁଛନ୍ତି।

ଦଶପଲ୍ଲା ବ୍ଲକ କାର୍ଯ୍ୟାଳୟଠାରୁ ଗାଁଗୁଡିକ ପ୍ରାୟ ୧୫କି.ମି. ଦୂରରେ ରହିଛି। ଗୋଟିଏ ଗାଁରେ ପାଖାପାଖି ଦେଢ଼ଶହରୁ ୨୦୦ ଲୋକ ବାସ କରନ୍ତି। ଗ୍ରାମବାସୀଙ୍କ ପାଇଁ ନାଳ ହିଁ ଦୁଃଖ ହୋଇଛି। ବର୍ଷାଦିନରେ ନାଳରେ ଜଳସ୍ରୋତ ଯୋଗୁ ଜରୁରୀ ସେବା ପାଇବା ଗାଁ ଲୋକଙ୍କ ପାଇଁ ସ୍ୱପ୍ନ ପାଲଟେ। ନାଳ ପାରହୋଇ ଦଶପଲ୍ଲା ଯିବା ସମ୍ଭବ ହୁଏ ନାହିଁ। ଦୀର୍ଘଦିନ ହେଲା ସମସ୍ୟା ଲାଗିରହିଥିଲେ ହେଁ ଏହାର ସମାଧାନ କରାଯାଉ ନାହିଁ। ଗ୍ରାମର ସୁନ୍ଦର ମଳିକ କୁହନ୍ତି, ଦେଶ ସ୍ୱାଧୀନ ହେବାର ୭୨ବର୍ଷ ବିତିଥିଲେ ବି ଘୁଗୁଡିପଡା ପଞ୍ଚାୟତର ଏହିସବୁ ଗାଁ ଲୋକ ଅଭିଶପ୍ତ ଜୀବନ ବିତାଇ ଆସୁଛନ୍ତି। ନାଳ ଉପରେ ପୋଲ ନିର୍ମାଣ ପାଇଁ ଦାବି ହେଉଥିଲେ ସୁଦ୍ଧା ତାହା ପୂରଣ ହୋଇନାହିଁ। ଫଳରେ ବର୍ଷାଦିନେ ଚଳିବା କଷ୍ଟକର ହୋଇପଡୁଛି। ନିର୍ବାଚନ ସମୟରେ ନେତାମାନେ ପୋଲ ଓ ରାସ୍ତା ନିର୍ମାଣ ପାଇଁ ପ୍ରତିଶ୍ରୁତି ଦିଅନ୍ତି। ହେଲେ ଭୋଟ ପାଇ ବିଜୟୀ ପରେ ସବୁ କିଛି ଭୁଲି ଯାଆନ୍ତି। ଆମ ପାଇଁ କେହି ନାହାନ୍ତି ବୋଲି କୋହଭରା କଣ୍ଠରେ ପ୍ରକାଶ କରିଥିଲେ। ବର୍ଷାଋତୁରେ ଆମ ଗାଁକୁ ବାଉଁଶ ପୋଲଟିଏ ବି ହୋଇପାରୁ ନାହିଁ। ଝଟିକିବେରଣାର ସ୍ୱରୂପା ମଳିକ କୁହନ୍ତି, ଆମେ କେତେ ଦୁଃଖରେ ଅଛୁ ତାହା ଅନ୍ୟ ଜଣେ ଅନୁଭବ କଲେ ସମସ୍ୟା ସମାଧାନ ହୋଇପାରନ୍ତା। ହେଲେ ଆମ ଦୁଃଖକୁ ପ୍ରଶାସନିକ ଅଧିକାରୀ କିମ୍ବା ରାଜନେତା ଅନୁଭବ କରିପାରୁ ନାହାନ୍ତି। ବର୍ତ୍ତମାନ ସମୟରେ ଗାଁକୁ ଯିବାକୁ ରାସ୍ତା ନ ଥିବା ଓ ନାଳ ପାର ହେବାକୁ ପଡୁଛି କହିଲେ ଦୁଃଖ ଲାଗୁଛି ବୋଲି କହିଥିଲେ।



ନାଳ ଜଳସ୍ରୋତରେ ଜଣେ ବ୍ୟକ୍ତି ସାଇକେଲ ଧରି ପାର ହେଉଛନ୍ତି।

## ୨୩ ନୂଆ ସଂକ୍ରମିତ

**ଯାଜପୁର ଅଫିସ,୨୫ା୭**

ଯାଜପୁର ଜିଲାରେ ଶନିବାର ୨୩ ନୂଆ କରୋନା ସଂକ୍ରମିତ ଚିହ୍ନଟ ହୋଇଛନ୍ତି। ଜିଲାରେ ମୋଟ ଆକ୍ରାନ୍ତଙ୍କ ସଂଖ୍ୟା ୧୦୮୮ରେ ପହଞ୍ଚିଛି। ବରୀ ବ୍ଲକର ୫, ଦଶରଥପୁରର ୧୨, ଧର୍ମଶାଳାର ୩, ବଡ଼ଚଣାର ୨ ଓ ଯାଜପୁରର ଜଣେ ନୂଆ ସଂକ୍ରମିତ ଅଛନ୍ତି। ଏଥିରେ ୮ ଜଣ ସ୍ଥାନୀୟ ବ୍ୟକ୍ତି ସଂକ୍ରମିତ ହୋଇଥିବା ଜିଲା ସୂଚନା ଓ ଲୋକସମ୍ପର୍କ ବିଭାଗ ପକ୍ଷରୁ ସୂଚନା ମିଳିଛି।

## ପୋତିହେଉଛି ହଂସୁଆ ସଫେଇ



ହଂସୁଆ ସଫେଇରେ ଦଳ ଭର୍ତ୍ତି ହୋଇଛି।

**ଏରସମା,୨୫ା୭(ସ୍ୱ.ପ୍ର.)**

ଏରସମା ବ୍ଲକ ହଂସୁଆ ସଫେଇ କଳିକତି ଦଳରେ ଭର୍ତ୍ତି ହୋଇ ଗଲାଣି। ନିୟମିତ ପୁନରୁଦ୍ଧାର କରାଯାଉ ନ ଥିବାରୁ ସଫେଇ ଗର୍ଭ ପୋତି ହେବାରେ ଲାଗିଛି। ହଂସୁଆ ସଫେଇ ଏହି ବ୍ଲକ ଅନ୍ତର୍ଗତ ସୋମପୁର, ପଏଦା, ପୋଖରିଆପଡା, ନାରଦିଆ, ଜିରାଇଲୋ, ଜପା ଓ ଆମ୍ବିକି ପଞ୍ଚାୟତ ଦେଇ ଜଟାଧାର ମୁହାଣରେ ମିଶିଛି। ୧୦୦ ମିଟର ପ୍ରସ୍ଥ ବିଶିଷ୍ଟ ଏହି ସଫେଇରେ କେବଳ ଏରସମା ବ୍ଲକ ନୁହେଁ, ସମଗ୍ର ଜଗତ୍‌ସିଂହପୁର ଜିଲାର ଉଦ୍‌ବୃତ୍ତ ବର୍ଷା ଜଳ ଏହି ସଫେଇ ମାଧ୍ୟମରେ ସମୁଦ୍ରକୁ ନିଷ୍କାସିତ ହୋଇଥାଏ। ଫଳରେ ଧାନ ଫସଲକୁ ଉଦ୍‌ବୃତ୍ତ ଜଳ ଜମି ରହି କ୍ଷତି କରି ପାରେ ନାହିଁ। ଅପର ପକ୍ଷରେ ଆବଶ୍ୟକ ସ୍ଥଳେ ବର୍ଷା ଜଳକୁ ଅଟକାଇ ଧାନ ଫସଲ ପାଇଁ ବ୍ୟବହାର କରାଯାଇ ପାରୁଥିଲା। ମାତ୍ର ପରିତାପର ବିଷୟ, କିଛି ବର୍ଷ ହେଲା ସଫେଇ ପୁନରୁଦ୍ଧାର କରାଯାଉ ନ ଥିବାରୁ ସେଥିରେ କଳକତି ଦଳ ଭର୍ତ୍ତି ହୋଇଯାଉଛି। ଫଳରେ ଜଳ ନିଷ୍କାସନ ଠିକ ଭାବରେ ହୋଇ ପାରୁ ନାହିଁ। ଏଥି ସହିତ ସଫେଇ ଗର୍ଭ ପୋତି ହେବାରେ ଲାଗିଛି। ଚାଷୀ ଅଭିଯୋଗ କରି ଆସୁଥିଲେ ମଧ୍ୟ ସୁଫଳ ମିଳୁନାହିଁ। ଜିଲ ପ୍ରଶାସନ ପଦକ୍ଷେପ ନେବାକୁ ନବନିର୍ମାଣ କୃଷକ ସଂଗଠନ ଆବାହକ ପ୍ରସନ୍ନ କୁମାର କୁଅଁର, ନାରଦିଆର ପୂର୍ବତନ ସରପଞ୍ଚ ଶିଶିର କୁମାର ବିଶ୍ୱାଳ, ପଳିକଣ୍ଠା ସରପଞ୍ଚ ଧ୍ୱଜରାଜ ଖଣ୍ଡୁଆଳ, ଜପା ସରପଞ୍ଚ ତପନ ଗଛାୟତ, ଅମ୍ବିକା ପ୍ରସାଦ ମହାନ୍ତି ଓ ନିବାସ ଫନ୍ଦକାର ପ୍ରମୁଖ ଦାବି କରିଛନ୍ତି।

# ଶୁଦ୍ଧପାଣି ଯୋଗାଣ ନାଁରେ ଠକାମି

**ବସୁଧା ଯୋଜନା**

- ସର୍ବୋଚ୍ଚ ଯନ୍ତ୍ରୀଙ୍କ ଚେତାବନୀ ପ୍ରତି ଭ୍ରୂକ୍ଷେପ ନାହିଁ
- ୩ ହଜାର ଟଙ୍କା ପର୍ଯ୍ୟନ୍ତ ବେଆଇନ ଆଦାୟ

**ଯାଜପୁର ରୋଡ୍,୨୫ା୭ (ଡି.ଏନ.ଏ.)**

ବସୁଧା ହିତାଧିକାରୀଙ୍କଠାରୁ ଅର୍ଥ ଆଦାୟ କଲେ ସମ୍ପୃକ୍ତ ଅଧିକାରୀ ଓ ଠିକାଦାରଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଗତ ମାର୍ଚ୍ଚରେ ରାଜ୍ୟ ଜନସ୍ୱାସ୍ଥ୍ୟ ବିଭାଗ ସର୍ବୋଚ୍ଚ ଯନ୍ତ୍ରୀ ଚେତାବନୀ ଦେଇଥିଲେ। ଏପରିକି ଭୁବନେଶ୍ୱର, ବଲାଙ୍ଗୀର, ଖୋର୍ଦ୍ଧା, ରାୟଗଡ଼ାରେ ଅର୍ଥ ଆଦାୟ କରିଥିବା କର୍ମଚାରୀଙ୍କୁ କାର୍ଯ୍ୟରୁ ବହିଷ୍କାର କରାଯାଇଛି ବୋଲି ସେ ସୂଚନା ଦେଇଥିଲେ। କିନ୍ତୁ ଯାଜପୁର ଜିଲାରେ ଏହି ନିର୍ଦ୍ଦେଶକୁ ଠିକାଦାର କିମ୍ବା ଅଧିକାରୀ ଭ୍ରୂକ୍ଷେପ କରିନାହାନ୍ତି। ଜିଲାର ବ୍ୟାସନଗର ଓ ଯାଜପୁର ପୌରାଞ୍ଚଳରେ ବିପିଏଲ ଶ୍ରେଣୀର ବସୁଧା ହିତାଧିକାରୀଙ୍କଠାରୁ ୨ରୁ ୩ ହଜାର ଟଙ୍କା ପର୍ଯ୍ୟନ୍ତ ବେଆଇନ ଭାବେ ଆଦାୟ ହୋଇଥିବା ଅଭିଯୋଗ ହୋଇଛି। ବ୍ୟାସନଗର ସହରର ଖଣ୍ଡହତା ପରେ ଏବେ ନୂଆସାହି, ରମ୍ଭାସ ଆଦି ଅଞ୍ଚଳର ବିପିଏଲ୍ ହିତାଧିକାରୀ ଟଙ୍କା ଦେଇ ବସୁଧା ଯୋଜନାରେ ବାଦ୍ ପଡିଥିବା ଅଭିଯୋଗ ହୋଇଛି।

ବ୍ୟାସନଗର ପୌରାଞ୍ଚଳର ରାଶନକାର୍ଡଧାରୀ ଓ ସାଧାରଣ ଲୋକଙ୍କ ଘରକୁ ବିଶୁଦ୍ଧ ପାନୀୟ ଜଳ ଯୋଗାଇବା ଲକ୍ଷ୍ୟରେ ବସୁଧା ଯୋଜନା କାର୍ଯ୍ୟକାରୀ ହେଉଛି। ଯୋଜନାରେ ଏହି ପୌରାଞ୍ଚଳର ୩୩୪୪ ହିତାଧିକାରୀଙ୍କୁ ସାମିଲ କରିବାକୁ ଧାର୍ଯ୍ୟ କରାଯାଇଛି। ତେବେ ଏଯାଏ ପ୍ରାୟ ୫୨୦ ହିତାଧିକାରୀଙ୍କ ପାଇଁ କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇଥିବା ବିଭାଗ ପକ୍ଷରୁ ସୂଚନା ମିଳିଛି। ସେହିପରି ଯାଜପୁର ଟାଉନ ପୌରାଞ୍ଚଳରେ ଧାର୍ଯ୍ୟ ୪୦୬୮ ହିତାଧିକାରୀଙ୍କ ମଧ୍ୟରୁ ମାତ୍ର ୪୧୦ ଜଣଙ୍କ କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇଥିବା କୁହାଯାଇଛି। ବସୁଧା ଯୋଜନାରେ ରାଶନକାର୍ଡଧାରୀ ହିତାଧିକାରୀଙ୍କୁ ବିନା ମୂଲ୍ୟରେ ସାମିଲ କରିବାକୁ ନିର୍ଦ୍ଦେଶ ହୋଇଥିବାବେଳେ ଅନ୍ୟମାନଙ୍କଠାରୁ ୩୬୦୦ ଟଙ୍କା (ଆବଶ୍ୟକ ବିଲ୍ ଦେଇ) କିସ୍ତି ଅନୁଯାୟୀ ଆଦାୟ କରାଯିବାକୁ ଗାଇଡ୍‌ଲାଇନ ରହିଛି। ଏଥିରେ ହିତାଧିକାରୀଙ୍କୁ ଆବଶ୍ୟକ ପାଇପ୍ ସହ ଅନ୍ୟାନ୍ୟ ସାମଗ୍ରୀ ମାଗଣାରେ ଯୋଗାଇ ଦିଆଯିବ। ଏହିକ୍ରମରେ ବ୍ୟାସନଗର ପୌରାଞ୍ଚଳ ପାଇଁ ସମ୍ବିତ ପରିଡ଼ା ଓ ଯାଜପୁର ପୌରାଞ୍ଚଳ ପାଇଁ ଗଦାଧର ନାୟକଙ୍କୁ କାର୍ଯ୍ୟାଦେଶ ଦିଆଯାଇଛି। ବ୍ୟାସନଗର ପୌରପରିଷଦର ନୂଆସାହି, ହୁଡିସାହି, ରମ୍ଭାସ ଅଞ୍ଚଳର ଅଭିନ ମଲ୍ଲିକ, କାଳନ୍ଦୀ ମଲିକ, ଭାଗ୍ୟଶ୍ରୀ ଦତ୍ତ, ରୁକ୍ମିଣୀ ବିଦ୍ଧାଣି, କହ୍ନେଇ ମୁଦୁଲି, ନଟବର ପାତ୍ର, ରବୀନ୍ଦ୍ର ରାଉତ, ରବୀନ୍ଦ୍ର ଦାସ, ନାରାୟଣ ଦାସ, ସୁରେନ୍ଦ୍ର ମହାପାତ୍ର, ନିରଞ୍ଜନ ଦାସ ପ୍ରମୁଖ କୁହନ୍ତି, ସମସ୍ତ ବିପିଏଲ୍ ପରିବାରବର୍ଗଙ୍କଠାରୁ ଅର୍ଥ ଆଦାୟ କରାଯାଇଥିଲେ ମଧ୍ୟ କାହାରି ଘରକୁ ଏଯାଏ ପାଣି ଯୋଗାଣ ହୋଇ ପାରିନାହିଁ। ଅଳ୍ପ ପାଇପ୍‌ଲାଇନ୍ ଦେଇ ଦୁଆର ମୁହଁରେ ଅଧାରେ ଛାଡ଼ି ଦିଆଯାଇଛି। ଶୁଦ୍ଧ ପାଣି ମିଳିବ ବୋଲି ଯେଉଁ ଆଶା କରାଯାଉଥିଲା ତାହା ମଉଳିଯାଇଛି। ଠିକାଦାରଙ୍କ ଦେଖା ମିଳୁନାହିଁ। ବାକି ପାଇପ୍‌ଲାଇନ ନିଜେ ଲଗାଅ ବୋଲି ଅଧିକାରୀମାନେ କହୁଛନ୍ତି। ଏମାନେ ଗରିବ ଶ୍ରେଣୀର ହୋଇଥିବାରୁ ଉଚ୍ଚପଦସ୍ଥ ଅଧିକାରୀଙ୍କ ଦୃଷ୍ଟି ଆକର୍ଷଣ କରି ପାରିନାହାନ୍ତି। ଏହାର ସୁଯୋଗରେ ସ୍ଥାନୀୟ କର୍ମଚାରୀ ଓ ଅଧିକାରୀମାନେ ବର୍ତ୍ତି ଯାଇଛନ୍ତି ବୋଲି ମତପ୍ରକାଶ ପାଇଛି। ଏ ସଂକ୍ରାନ୍ତରେ ଯାଜପୁର ପିଏଚ୍‌ଡି ଏସ୍‌ଡିଓ କ୍ଷେତ୍ରମୋହନ ସାହୁ କହନ୍ତି, ବସୁଧା ଯୋଜନାରେ ବେଆଇନ ଅର୍ଥ ଆଦାୟ ହୋଇଥିବା ଅଭିଯୋଗ ହେଲେ ଆଇନ ଅନୁସାରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ଏହାସହ ଏ ସଂକ୍ରାନ୍ତରେ ତଦନ୍ତ ଚାଲିଛି, ରିପୋର୍ଟ ମିଳିବା ପରେ ଉଚ୍ଚପଦସ୍ଥ ଅଧିକାରୀଙ୍କ ପରାମର୍ଶ ଅନୁସାରେ ପରବର୍ତ୍ତୀ ପଦକ୍ଷେପ ନିଆଯିବ ବୋଲି ସେ କହିଛନ୍ତି।

**ଦକ୍ଷିଣ ପୂର୍ବ ମଧ୍ୟ ରେଳପଥ**

**ବୈଦ୍ୟୁତିକ କାର୍ଯ୍ୟ ପାଇଁ ଟେଣ୍ଡର ବିଜ୍ଞପ୍ତି**

ଟେଣ୍ଡର ବିଜ୍ଞପ୍ତି ନଂ.: ସିନିୟର ଡିଇଇ (ଜି) ବିଏସ୍‌ପି/ଓଟିପି/୨୦୨୦-୨୧/୧୧, ତାରିଖ: ୨୩।୦୭।୨୦୨୦। କାର୍ଯ୍ୟ: ବିଳାସପୁର ଡିଭିଜନରେ ବିଳାସପୁରଠାରେ ୩୩ କେଭି ରିସିଭିଂ ସବ୍-ଷ୍ଟେଶନର ନବୀକରଣ ଏବଂ ଜିଏମ୍ ବିଲ୍ଡିଂ ବିଳାସପୁରରେ ପୁରୁଣା ଏୟାର କଣ୍ଡିସନିଂ ସିଷ୍ଟମର ଥଇଥାନ । ଟେଣ୍ଡର ମୂଲ୍ୟ: ₹୬୨,୧୮,୦୧୧/-। ଅମାନତ ଜମା ରାଶି: ₹୧,୨୪,୪୦୦/-। ଟେଣ୍ଡର ସମାପ୍ତି ତାରିଖ ଓ ସମୟ: ତା୧୭।୦୮।୨୦୨୦ରିଖ, ୧୫.୦୦ ଘଟିକା। ଅଧିକ ବିବରଣୀ, ଯୋଗ୍ୟତା ମାନଦଣ୍ଡ ଏବଂ ଉପରୋକ୍ତ କାର୍ଯ୍ୟର ସମ୍ପୂର୍ଣ୍ଣ ବିବରଣୀ ପାଇଁ ଦୟାକରି ଆମ ୱେବ୍‌ସାଇଟ୍: www.ireps.gov.in ରେ ଉପଲବ୍ଧ ଟେଣ୍ଡର କାଗଜପତ୍ର ଦେଖନ୍ତୁ/ଡାଉନଲୋଡ୍ କରନ୍ତୁ।

ସିନିୟର ଡିଭିଜନାଲ ଇଲେକ୍ଟ୍ରିକାଲ ଇଞ୍ଜିନିୟର (ଆର୍‌ଏସ୍ ଆଣ୍ଡ ଜି)/ବିଳାସପୁର
CPR/10/178
South East Central Railway @secrail

**ପୂର୍ବ ତଟ ରେଳପଥ**

ଇ-ଟେଣ୍ଡର ବିଜ୍ଞପ୍ତି ସଂ.ST-OT-HDS-PRDP-SCADA-188 ତା.17.07.2020ରିଖ

କାର୍ଯ୍ୟର ନାମ: ବାର ମାସ ସମୟାବଧି ପାଇଁ ଡିପୋଜିଟ୍ ଟର୍ମରେ ଖୋର୍ଦ୍ଧାରୋଡ଼ ଡିଭିଜନର ହରିଦାସପୁର-ପାରାଦୀପ ନୂଆ ଲାଇନ (BG) ରେ ସଂକେତ ଏବଂ ଦୂରସଂଚାର ର ରକ୍ଷଣାବେକ୍ଷଣ କାର୍ଯ୍ୟ ।
ଟେଣ୍ଡର ମୂଲ୍ୟ (ଟଙ୍କାରେ): 2,25,78,168.72, EMD (ଟଙ୍କାରେ): 2,62,900/-, ଟେଣ୍ଡର ନଥିପତ୍ରର ମୂଲ୍ୟ (ଟଙ୍କାରେ): 11,800/- (GST 18% ସହିତ) ।
ବିଡ୍ ଆରମ୍ଭ ହେବା ତାରିଖ: ତା.27.07.2020ରିଖ,
ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ: ତା.10.08.2020 ରିଖ 1100 ଘଟିକାରେ ।
ଏହି ଟେଣ୍ଡର ନିମନ୍ତେ ମାନୁଆଲ ଅଫରଗୁଡ଼ିକୁ ଅନୁମତି ଦିଆଯିବ ନାହିଁ ଏବଂ ସେହିଭଳି ପ୍ରାପ୍ତ ଯେକୌଣସି ମାନୁଆଲ ପ୍ରସ୍ତାବକୁ ଗ୍ରହଣ କରାଯିବ ନାହିଁ ।
ଇ-ଟେଣ୍ଡର ନଥିପତ୍ର ସହିତ ସଂପୂର୍ଣ୍ଣ ବିବରଣୀ http://www.ireps.gov.in ରେ ଉପଲବ୍ଧ ହେବ ।
ମଣ୍ଡଳ ସଂକେତ ଏବଂ ଦୂରସଂଚାର ଯନ୍ତ୍ରୀ ଖୋର୍ଦ୍ଧା ରୋଡ଼
PR-178/L/20-21

## ବରୀ ସମିତିସଭ୍ୟାଙ୍କ ସମେତ ୮ ଜଣ ଦେବେ ପ୍ଲାଜ୍ମା

ବରୀ,(ଡି.ଏନ.ଏ.): ମୁଖ୍ୟମନ୍ତ୍ରୀଙ୍କ ଆହ୍ୱାନକ୍ରମେ ବରୀ ବିଧାୟିକା ସୁନନ୍ଦା ଦାସ ଶନିବାର ବିଭିନ୍ନ ପଞ୍ଚାୟତଗସ୍ତ କରି କରୋନାରେ ସୁସ୍ଥ ହୋଇଥିବା ବ୍ୟକ୍ତିଙ୍କୁ ପ୍ଲାଜମା ଦାନ କରିବାକୁ ନିବେଦନ କରିଛନ୍ତି। ଏହିକ୍ରମରେ ବରୀ ପଞ୍ଚାୟତ ସମିତିସଭ୍ୟା ବିଜୟାଲକ୍ଷ୍ମୀ ସେଠୀ ଓ ଅନ୍ୟ ସାତ ଜଣ ପ୍ଲାଜ୍ମା ଦାନ କରିବା ପାଇଁ ସ୍ୱୀକୃତି ପ୍ରଦାନ କରିଛନ୍ତି। ବରୀ ନିର୍ବାଚନମଣ୍ଡଳୀର କରୋନା ରୋଗୀଙ୍କ ଜୀବନ ବଞ୍ଚାଇବା କ୍ଷେତ୍ରରେ ପ୍ଲାଜ୍ମା ସଂଗ୍ରହ ପାଇଁ ବିଭିନ୍ନ ପଞ୍ଚାୟତଗସ୍ତ ଲୋକଙ୍କୁ ସଚେତନ କରିବେ ବୋଲି ବିଧାୟିକା ଦାସ ସୂଚନା ଦେଇଛନ୍ତି।

**ସଂକ୍ଷେପରେ**

## କଳ୍ପତରୁ ଦାସଙ୍କ ୫ମ ଶ୍ରାଦ୍ଧବାର୍ଷିକୀ

### ଆମ୍ବୁଲାନ୍ସ ସେବା ଉଦ୍‌ଘାଟିତ

**ଧର୍ମଶାଳା,୨୫।୭(ଡି.ଏନ.ଏ.):** ପୂର୍ବତନ ମନ୍ତ୍ରୀ ଓ ରାଜ୍ୟ ସଭା ସଦସ୍ୟ କଳ୍ପତରୁ ଦାସଙ୍କ ୫ମ ଶ୍ରାଦ୍ଧବାର୍ଷିକୀ ଉତ୍ସବ ଅବସରରେ ଶନିବାର ଜନସାଧାରଣଙ୍କ ଉଦ୍ଦେଶ୍ୟରେ ଆମ୍ବୁଲାନ୍ସ ସେବା ଉଦ୍‌ଘାଟିତ ହୋଇଯାଇଛି। କଳ୍ପତରୁ ଦାସ ନ୍ୟାଶନାଲ ଫାଉଣ୍ଡେଶନ ପକ୍ଷରୁ ଏହି ସେବା ଧର୍ମଶାଳା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଜରିଆରେ ଉପଲବ୍ଧ ହେବ ବୋଲି ଟ୍ରଷ୍ଟି ଜଳଧର ମହାନ୍ତି ସୂଚନା ଦେଇଛନ୍ତି। ଶ୍ରାଦ୍ଧ ଉତ୍ସବ ଅବସରରେ ଧର୍ମଶାଳା ବିଧାୟକ ପ୍ରଣବ କୁମାର ବଳବନ୍ତରାୟ, ବ୍ଲକ ଅଧକ୍ଷ ପ୍ରଭାତ ବଳବନ୍ତରାୟ ପ୍ରମୁଖ ଷ୍ଟାଡିୟମ ପରିସରସ୍ଥ କଳ୍ପତରୁଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଥିଲେ।

## ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ୧୧ ଦଫା ଦାବିପତ୍ର

**ବାଲିଆ,୨୫।୭:** ବିରିଡି ସିଟୁ ବ୍ଲକ କମିଟି ପକ୍ଷରୁ ବ୍ଲକ କାର୍ଯ୍ୟାଳୟ ଆଗରେ ଆନ୍ଦୋଳନ କରାଯାଇଛି। ଏଥିସହିତ ୧୧ ଦଫା ସମ୍ବଳିତ ଏକ ଦାବିପତ୍ର ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ବିରିଡ଼ି ବିଡିଓଙ୍କୁ ପ୍ରଦାନ କରାଯାଇଛି। ସିଟୁ ଜିଲା କୋଷାଧକ୍ଷ ବେଣୁଧର ବାରିକଙ୍କ ନେତୃତ୍ୱରେ ଓଡ଼ିଶା କ୍ଷେତ ମଜଦୁର ୟୁନିୟନର ରାଜ୍ୟ କମିଟି ସଭ୍ୟ ଯୁଧିଷ୍ଠିର ଦାସ, ଓଡ଼ିଶା କୃଷକ ସଭା ଜଗତ୍‌ସିଂହପୁର ବରିଷ୍ଠ ସଭ୍ୟ ଗଣେଶ ଚନ୍ଦ୍ର ମାଣିଆ, ଶ୍ରମିକ ନେତା ନଟବର ପଲେଇ, ପ୍ରଶାନ୍ତ ମାଣିଆ, ଗୋପାଳ ରାଓ ଦୋରା ଓ ଅନ୍ୟମାନେ ସାମିଲ ହୋଇ ବିରିଡି ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ଆନ୍ଦୋଳନ କରିଥିଲେ। କରୋନା ଯୋଗୁ ଜନସାଧାରଣ ଗଭୀର ସଙ୍କଟ ଦେଇ ଗତି କରୁଛନ୍ତି। ତେଣୁ ଜନସାଧାରଣଙ୍କୁ ମାଗଣା ଚିକିତ୍ସା ଯୋଗାଇ ଦେବା, ସବୁ ଲୋକଙ୍କୁ ମାସକୁ ମୁଣ୍ଡପିଛା ୧୦ କେଜି ଚାଉଳ ୬ ମାସ ପର୍ଯ୍ୟନ୍ତ ପ୍ରଦାନ କରିବା, ଏବଂ ଶ୍ରମିକଙ୍କୁ ୨୦୦ ଦିନ କାମ ଯୋଗାଇ ଦୈନିକ ମଜୁରି ୬୦୦ ଟଙ୍କା ଦେବା, କରୋନା ସହାୟତାରୁ ବଞ୍ଚିତ ଥିବା ନିର୍ମାଣ ଶ୍ରମିକଙ୍କୁ ତୁରନ୍ତ ତାଙ୍କ ପ୍ରାପ୍ୟ ୧୫୦୦ ଟଙ୍କା ପ୍ରଦାନ କରିବା ସହ ଅସଙ୍ଗଠିତ ଶ୍ରମିକଙ୍କୁ ମଧ କରୋନା ସହାୟତା ପ୍ରଦାନ ପାଇଁ ଦାବି କରାଯାଇଥିଲା। ଶେଷରେ ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ବିରିଡ଼ି ବିଡିଓଙ୍କୁ ଦାବିପତ୍ର ପ୍ରଦାନ କରାଯାଇଥିଲା।

## ଗାଡ଼ି ଧକ୍କାରେ ଅଜଣା ବ୍ୟକ୍ତିଙ୍କ ମୃତ୍ୟୁ

**ଯାଜପୁର ଅଫିସ, ୨୫।୭:** ଶନିବାର ଅପରାହ୍ଣରେ ୧୬ ନମ୍ବର ଜାତୀୟ ରାଜପଥର ପାଣିକୋଇଲି ଥାନା ଅନ୍ତର୍ଗତ କ୍ଷଠିପୁର ପଥପ୍ରାନ୍ତ ସୁବିଧା କେନ୍ଦ୍ର ନିକଟରେ ସଡ଼କ ଦୁର୍ଘଟଣାରେ ଜଣଙ୍କର ମୃତ୍ୟୁ ଘଟିଛି। ମୃତକ ଜଣକ ବୃଦ୍ଧ। ତାଙ୍କର ପରିଚୟ ମିଳି ନ ଥିବାବେଳେ ଦୁର୍ଘଟଣା ଘଟାଇଥିବା ଗାଡ଼ି ସମ୍ପର୍କରେ ସୂଚନା ମିଳିନାହିଁ। ଏନେଇ ଏକ ଅପମୃତ୍ୟୁ ମାମଲା ରୁଜୁ କରାଯାଇଛି।

# ଗଢ଼ିଉଠୁଛି ବେଆଇନ ଚିଙ୍ଗୁଡ଼ିଘେରି

**କେନ୍ଦ୍ରାପଡ଼ା ଅଫିସ, ୨୫।୭**

ଗତ ମାର୍ଚ୍ଚରୁ କରୋନା ସଂକ୍ରମଣ ପାଇଁ ଦେଶରେ ତାଲାବନ୍ଦ ଜାରିରହିଛି। ଏହାକୁ ସୁଯୋଗ ମନେକରି କେନ୍ଦ୍ରାପଡ଼ା ଜିଲାରେ ବ୍ୟବସାୟୀମାନେ ବେଆଇନ ଭାବେ ଚିଙ୍ଗୁଡିଘେରି ବଢ଼ାଇ ଚାଲିଛନ୍ତି। ଫଳରେ ୨୦୧୪ ଅକ୍ଟୋବର ୨୧ରେ ଭାରତ ସରକାରଙ୍କ ପକ୍ଷରୁ ପ୍ରକାଶିତ ବିଜ୍ଞପ୍ତି (ନଂ.୨୧୮୦ଜେ) ଅନୁଯାୟୀ ଜିଲାର ୧୪୭ ପରିବେଶ ସମ୍ବେଦନଶୀଳ ଗ୍ରାମ ନଷ୍ଟ ହେବାକୁ ବସିଛି। ଜିଲାର ମହାକାଳପଡା, ରାଜନଗର ଓ ରାଜକନିକା ବ୍ଲକରେ ୧୦ ହଜାରରୁ ଊର୍ଦ୍ଧ୍ୱ ଚିଙ୍ଗୁଡି ଘେରି ଗଢ଼ିଉଠିଛି। ଏହିସବୁ ଘେରିରେ ନିମ୍ନମାନର ମୋଟର ଓ ଏରିଏଟର ବିନା କାଗଜପତ୍ରରେ କେତେଜଣ ବ୍ୟବସାୟୀ ଚାଷୀଙ୍କୁ ଯୋଗାଇ ଦେଇଥିବା ନେଇ ମାନବାଧିକାର କର୍ମୀ, ସାମାଜିକ କର୍ମୀ ପ୍ରକାଶ କରିଛନ୍ତି। ଫଳରେ ଜିଏସ୍‌ଟି ଫାଙ୍କି ସହିତ ଚାଷୀ ଓ କର୍ମଚାରୀଙ୍କ ଜୀବନ ମରଣ ସମସ୍ୟା ଉପୁଜିଛି।

ଜିଲାର ଚିଙ୍ଗୁଡି ଘେରି ସମସ୍ୟା ସମାଧାନ ପାଇଁ ଉଚ୍ଚ ନ୍ୟାୟାଳୟରୁ ନିର୍ଦ୍ଦେଶ ପାଇବା ପରେ ଜିଲା ପ୍ରଶାସନ ତତ୍ପର ହୋଇଥିଲା। ହଜାରରୁ ଅଧିକ



ଚିଙ୍ଗୁଡିଘେରିରେ ଲାଗିଥିବା ଏରିଏଟର।

ବେଆଇନ ଚିଙ୍ଗୁଡି ଘେରି ଚିହ୍ନଟ କରି ଏହାକୁ ଭାଙ୍ଗିବା ପାଇଁ ନୋଟିସ୍ ଜାରି କରିଥିଲା। ତେବେ କୌଣସି ଚାପର ବଶବର୍ତ୍ତି ହୋଇ ପ୍ରଶାସନ ନୀରବ ହୋଇଯାଇଥିବା ସୂଚନା ଅଧିକାର ଅଭିଯାନ କର୍ମୀ ପ୍ରତାପ କୁମାର ମହାନ୍ତି ପ୍ରକାଶ କରିଛନ୍ତି। ସେ କହିଛନ୍ତି, ପ୍ରଶାସନର ନୀରବତା ପରେ ମହାକାଳପଡା ବ୍ଲକ ବଡଚୁବି ଅଞ୍ଚଳରେ ଶତାଧିକ ଏକର ଘେରି ନିର୍ମାଣ ପାଇଁ ପୋଖରୀ ଖୋଳିବା ଆରମ୍ଭ ହୋଇଛି। ଏହି ଚିଙ୍ଗୁଡି ଚାଷ ଫଳରେ ବଣପଡା, ଭୂଇଁପୁର, ଗୋଗୁଆ, ଇଶାନୀପଲା, ହରିପୁର, କଜଳାବନ୍ଧ, କଳତୁଙ୍ଗା, କାକଟପୁର, କୋରିଆପଲା, ନରସିଂହପୁର, ମଲାଢ଼ିଅ, ପାଇଁଶିଆପାଳ, ରଟପଙ୍ଗ, ଶଙ୍ଖଚିଲ, ଶାସନ, ସିଙ୍ଗାରପୁର, ତନ୍ତିଆପାଳ, ସୁନିତି (ବେଣାକନ୍ଦା), ତେଲଙ୍ଗା, ପାଣିଖିଆ ନରସିଂହପୁର, ମଲାଢ଼ିଅ, ରଟପଙ୍ଗ, ଶଙ୍ଖଚିଲ, ଶାସନ ଆଦି ଗ୍ରାମ ସହ ୧୪୭ ଗ୍ରାମର ପରିବେଶ ନଷ୍ଟ ହେବ। ପଟ୍ଟାମୁଣ୍ଡାଇର ପରିବେଶବିତ୍ ମାତୃଦତ୍ତ ମହାନ୍ତି କୁହନ୍ତି, ବନବିଭାଗ, ବନ୍ୟପ୍ରାଣୀ ବିଭାଗ, କୋଷ୍ଟାଲ ଆକ୍ୱାକଲଚର ଅଥରିଟି ଓ ଉଚ୍ଚ ନ୍ୟାୟାଳୟ ପକ୍ଷରୁ ପ୍ରସ୍ତୁତ ସିଇସି (ସେଣ୍ଟ୍ରାଲ ଏମ୍ପାୱାର୍ଡ କମିଟି) ଗାଇଡ୍‌ଲାଇନ ସ୍ଥାନୀୟ ଅଞ୍ଚଳରେ ଉଲ୍ଲଂଘନ ହୋଇଥିବାରୁ ଚିଙ୍ଗୁଡି ଘେରି ନିର୍ମାଣ ଅବୈଧ। ଉକ୍ତ ପ୍ରକଳ୍ପରେ ଖାଦ୍ୟ, ଔଷଧ ଓ ରାସାୟନିକ ସାର ପ୍ରୟୋଗ ହେତୁ ଗ୍ରାମ ପରିବେଶ ବିଷାକ୍ତ ହୋଇଯାଉଛି। ବୁଦ୍ଧିଜୀବୀ ଶିବାଶିଷ ମହାନ୍ତିଙ୍କ କହିବା କଥା, ନିମ୍ନମାନର ପାଣି ମୋଟର ଓ ଏରିଏଟର ପାଇଁ ଗତ ଦୁଇବର୍ଷ ମଧ୍ୟରେ ଚିଙ୍ଗୁଡି ଘେରିରେ ୬ଟି ଦୁର୍ଘଟଣା ହୋଇଛି। ଏଥିରେ ଜଣଙ୍କ ଜୀବନ ଯାଇଥିବା ବେଳେ ୭ ଜଣ ଆହତ ହୋଇଛନ୍ତି। ଚିଙ୍ଗୁଡି ଘେରିରେ ବ୍ୟବହୃତ ଯନ୍ତ୍ରକୁ କେତେଜଣ ବ୍ୟବସାୟୀ ବିନା ରସିଦରେ ଦିଲ୍ଲୀ ଓ ଆଗ୍ରାରୁ କ୍ରୟ କରି ସ୍ୱଳ୍ପ ମୂଲ୍ୟରେ ଚିଙ୍ଗୁଡି ଚାଷୀଙ୍କୁ ବିକ୍ରି କରୁଛନ୍ତି। ନିମ୍ନମାନର ହେତୁ ପାଣି ମୋଟର ଚାଲୁଥିବା ବେଳେ ବିସ୍ଫୋରଣ ଘଟୁଛି। ଗତ ଜାନୁୟାରୀରେ ଏପରି ଏକ ଦୁର୍ଘଟଣାରେ ରାଜନଗର ବ୍ଲକ ଅଞ୍ଚଳରେ ଜଣେ ବ୍ୟକ୍ତିଙ୍କ ଜିଲା ମୁଖ୍ୟ ଚିକିତ୍ସାଳୟରେ ମୃତ୍ୟୁ ହୋଇଥିଲା। ସେହିପରି ବିନା ବିଲ୍‌ରେ ଚିଙ୍ଗୁଡି ଘେରିରେ ଉପଯୋଗୀ ଯନ୍ତ୍ର ବିକ୍ରି ହୋଇଥିବାରୁ ସରକାର ଜିଏସ୍‌ଟି ପାଉ ନ ଥିବା ସେ ପ୍ରକାଶ କରିଛନ୍ତି। ଏ ସମ୍ପର୍କରେ ଉପଜିଲାପାଳ ଜ୍ୟୋତିଶଙ୍କର ମହାପାତ୍ର କହିଛନ୍ତି, ବେଆଇନ ଚିଙ୍ଗୁଡି ଘେରି ଉଚ୍ଛେଦ ପ୍ରକ୍ରିୟା ବନ୍ଦ ହୋଇନାହିଁ। ଜିଲା ପ୍ରଶାସନ ପକ୍ଷରୁ ଏ ନେଇ ଦୃଢ଼ କାର୍ଯ୍ୟାନୁଷ୍ଠାନ ହେଉଛି।

**କେନ୍ଦ୍ରାପଡ଼ା ଜିଲା**
- ଉଜାଡ଼ିବ ପରିବେଶ ସମ୍ବେଦନଶୀଳ ୧୪୭ ଗ୍ରାମ
- ପରିବେଶ ସୁରକ୍ଷା ଆଇନ ୧୯୮୬ର ଉଲ୍ଲଂଘନ
- ଘେରିରେ ଲାଗୁଛି ନିମ୍ନମାନର ଯନ୍ତ୍ର, ଜିଏସ୍‌ଟି ନାହିଁ

## ସମ୍ବର୍ଦ୍ଧିତ ହେବେ ସ୍ୱାଧୀନତା ସଂଗ୍ରାମୀ ମକରଧ୍ୱଜ

**କେନ୍ଦ୍ରାପଡ଼ା ଅଫିସ/ଡେରାବିଶ (ସ୍ୱ.ପ୍ର.),୨୫।୭**

କରୋନା ପାଇଁ ରାଷ୍ଟ୍ରପତି ଭବନରେ ଆଟ୍ ହୋମ୍ ଉତ୍ସବ ଅନୁଷ୍ଠିତ ହେବନାହିଁ। ତେବେ ଅଗଷ୍ଟ ୯ କ୍ରାନ୍ତି ଦିବସରେ ସରକାରଙ୍କ ପକ୍ଷରୁ ସ୍ୱତନ୍ତ୍ରତା ସମ୍ମାନ ଯୋଜନାରେ ପେନ୍‌ସନ୍‌ଭୁକ୍ତ କେନ୍ଦ୍ରାପଡା ଜିଲା ଡେରାବିଶ ବ୍ଲକ ହାଟବାଣପୁର ଗ୍ରାମର ସ୍ୱାଧୀନତା ସଂଗ୍ରାମୀ ମକରଧ୍ୱଜ ଦାସ ସମ୍ମାନିତ ହେବେ। ରାଜ୍ୟ ସରକାରଙ୍କ ଅର୍ଥ ବିଭାଗ ପକ୍ଷରୁ ଏ ସମ୍ପର୍କରେ ଜିଲାପାଳଙ୍କୁ ଚିଠି କରାଯାଇଛି। ଏଥିରେ ଉଲ୍ଲେଖ ଅଛି, ଜିଲାପାଳ, ଅତିରିକ୍ତ ଜିଲାପାଳ, ଉପଜିଲାପାଳଙ୍କ ମଧ୍ୟରୁ ଜଣେ ସ୍ୱାଧୀନତା ସଂଗ୍ରାମୀ ଦାସଙ୍କୁ ସମ୍ବର୍ଦ୍ଧିତ କରିବେ। ଦାସ ୧୯୨୪ ମେ ୧୧ରେ ଜନ୍ମ ଗ୍ରହଣ କରିଥିଲେ। ମହାତ୍ମା ଗାନ୍ଧୀଙ୍କ ଡାକରାରେ ସ୍ୱାଧୀନତା ସଂଗ୍ରାମକୁ ଓହ୍ଲାଇଥିବାବେଳେ ୧୯୪୨ ଭାରତ ଛାଡ ଆନ୍ଦୋଳନରେ ଅଂଶଗ୍ରହଣ କରିଥିଲେ। ସେହିବର୍ଷ ସେପ୍ଟେମ୍ବର ୧୨ରେ ଗିରଫ ହୋଇ ୧୯୪୩ ଫେବୃଆରୀ ୨୩ରେ ଛାଡ ପାଇଥିଲେ। ସ୍ୱାଧୀନତା ସଂଗ୍ରାମୀ ଦାସ କହିଛନ୍ତି, ସଂଗ୍ରାମୀ ଜୀବନ ଅଦ୍ୟାବଧି ଜାରି ରହିଛି। ଦେଶ ସ୍ୱାଧୀନ ହେବା ପରେ ଦେଖିଥିବା ସ୍ୱପ୍ନରୁ କିଛି ପୂରଣ ହୋଇଛି। ଉତ୍ତମ ରାଷ୍ଟ୍ରଗଠନ ପାଇଁ ସମସ୍ତ ରାଜନୈତିକ ଦଳର ଗୋଟିଏ ଲକ୍ଷ୍ୟ ରହିବା ଆବଶ୍ୟକ।

# ପୂର୍ବ ଶତ୍ରୁତାରୁ ଘରପୋଡ଼ି ଅଭିଯୋଗ

**ଜେନାପୁର,୨୫।୭(ଡି.ଏନ.ଏ.)**

ପୂର୍ବ ଶତ୍ରୁତାରୁ ଧର୍ମଶାଳା ବ୍ଲକ୍ ଜେନାପୁର ପଞ୍ଚାୟତ ଅଧୀନ ଜେନାପୁର ଷ୍ଟେଶନ ବଜାର ସାହି ଗ୍ରାମରେ ଶୁକ୍ରବାର ରାତିରେ ଜଣେ ଯୁବକ ଗ୍ରାମର ପ୍ରମୋଦ ବେହେରାଙ୍କ ଘର ପୋଡ଼ି ଦେଇଥିବା ଜଣାଯାଇଛି। ଏନେଇ ପ୍ରମୋଦ ଜେନାପୁର ଥାନାରେ ଲିଖିତ ଅଭିଯୋଗ କରିଛନ୍ତି।

ଅଭିଯୋଗ ମୁତାବକ, ପ୍ରମୋଦ ବ୍ରହ୍ମପୁରରୁ ଆସି ଜେନାପୁର ଷ୍ଟେସନ ବଜାରରେ ଥିବା ପ୍ରମୋଦ ବରାଳଙ୍କ ଘରେ ଭଡ଼ାରେ ରହି ଶୁଖୁଆ ବ୍ୟବସାୟ କରିଆସୁଥିଲେ। କିଛି ଦିନ ତଳେ ଷ୍ଟେସନ ବଜାର ପୋଖରୀରେ ପଣସ ପଡ଼ିଆ ଗ୍ରାମର ବଳରାମ ପରିଡ଼ା ମାଛ ଚୋରି କରୁଥିବା ପ୍ରମୋଦ ଦେଖିଥିଲେ। କାଳେ ପ୍ରମୋଦ କାହାକୁ କହିଦେବ ସେଥିପାଇଁ ବଳରାମ ଶୁକ୍ରବାର ସନ୍ଧ୍ୟାରେ ଯାଇ ପ୍ରମୋଦକୁ ଡାକ ପକାଇଥିଲେ। ପ୍ରମୋଦ ବାହାରକୁ ଆସିବା ମାତ୍ରେ ବଳରାମ ତାଙ୍କୁ



ଜଳିଯାଇଥିବା ଘର।

ଧମକ ଦେଇ ଠେଙ୍ଗାରେ ପିଟିଥିଲେ। ତେଣୁ ସେ ଯାଇ ଥାନାରେ ଅଭିଯୋଗ କରିଥିଲେ। ପ୍ରମୋଦ ଅଭିଯୋଗ କରିବା ଜାଣି ରାଗରେ ବଳରାମ ବିଳମ୍ବିତ ରାତିରେ ପ୍ରମୋଦଙ୍କ ଭଡ଼ା ଘରେ ନିଆଁ ଲଗାଇ ଦେଇଥିଲେ। ଫଳରେ ୩ ବଖରା ସମ୍ପୂର୍ଣ୍ଣ ଜଳି ଯାଇଥିବାବେଳେ ଏକ ବଖରା ଅଧା ଜଳିଛି। ପାଖରେ ଥିବା ନୀଳମଣୀ ବେହେରା ଓ ପଙ୍କଜ ବେହେରାଙ୍କ ଘର ମଧ ଜଳିଯାଇଛି। ନିଆଁ ଦେଖି ପଡ଼ୋଶୀ କବାଟ ଖୋଲି ପ୍ରମୋଦଙ୍କୁ ଉଦ୍ଧାର କରିଥିଲେ। ଜେନାପୁର ପୋଲିସ ଓ ଚଢ଼େଇଧରା ଅଗ୍ନିଶମ ବାହିନୀ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ।

## ଚାରାରୋପଣରେ ଦୁର୍ନୀତି ଅଭିଯୋଗ

**କୁଜଙ୍ଗ,୨୫।୭(ଡି.ଏନ.ଏ.)**

କୁଜଙ୍ଗ ବ୍ଲକ ବଡ଼ବାଲିକଣି ଓ ପୋତାନଈ ପଞ୍ଚାୟତରେ ହୋଇଥିବା ଚାରାରୋପଣରେ ଦୁର୍ନୀତି ହୋଇଥିବା କୁଜଙ୍ଗ ବରିଷ୍ଠ ନାଗରିକ ମଞ୍ଚ ପକ୍ଷରୁ ଜିଲାପାଳଙ୍କ ନିକଟରେ ଅଭିଯୋଗ ହୋଇଛି। ଅଭିଯୋଗ ଅନୁସାରେ, ମହାତ୍ମା ଗାନ୍ଧୀ ଗ୍ରାମୀଣ ନିଶ୍ଚିତ କର୍ମନିଯୁକ୍ତି ଯୋଜନାରେ ବଡ଼ବାଲିକଣି ପଞ୍ଚାୟତର ୪୩ ଆରପିଏମ୍ ଓ ପୋତାନଈ ପଞ୍ଚାୟତର ୩୭ ଆରପିଏମ୍‌ରେ କୋଡ଼ିଏ ହଜାର ଚାରାରୋପଣ ହୋଇଥିବା ଦର୍ଶାଯାଇଛି। କିନ୍ତୁ ବାସ୍ତବରେ ଦୁଇ ହଜାରରୁ ଅଢେଇ ହଜାର ଚାରା ଦୃଶ୍ୟମାନ ହେଉଛି। କେତେକ ସ୍ଥାନରେ ଚାରା ଲଗାଯାଇନାହିଁ। ମୃତ୍ତିକା ସଂରକ୍ଷଣ ବିଭାଗ ପକ୍ଷରୁ ଚାରାରୋପଣ ଓ ରକ୍ଷଣାବେକ୍ଷଣ ପାଇଁ ଜଣେ ଚାଷୀ ନେତାଙ୍କୁ ଦାୟିତ୍ୱ ଦିଆଯାଇଛି। କିନ୍ତୁ ଚାରା ରୋପଣ ଓ ତା'ର ରକ୍ଷଣାବେକ୍ଷଣ ଖର୍ଚ୍ଚ ବାବଦରେ ମିଥ୍ୟା ହିସାବ ଦେଖାଇ ବିଭାଗୀୟ କର୍ତ୍ତୃପକ୍ଷ ଓ ସମ୍ପୃକ୍ତ ବ୍ୟକ୍ତି ପଚାଶ ଲକ୍ଷ ଟଙ୍କାରୁ ଊର୍ଦ୍ଧ୍ୱ ହଡ଼ପ କରିଥିବା ଅଭିଯୋଗରେ ଦର୍ଶାଯାଇଛି। ହେଲେ ଯେଉଁ ଶ୍ରମିକ ରକ୍ଷଣାବେକ୍ଷଣରେ ନିୟୋଜିତ ଥିଲେ ସେମାନେ ପାରିଶ୍ରମିକ ପାଇନାହାନ୍ତି। ଏନେଇ କୁଜଙ୍ଗ ଥାନାରେ ମଧ ଅଭିଯୋଗ ହୋଇଛି। ବରିଷ୍ଠ ନାଗରିକ ମଞ୍ଚ ସଭାପତି ବୀରେନ୍ଦ୍ର ବିଶ୍ୱାଳ, ଅନଙ୍ଗ ମହାପାତ୍ର, ନିରଞ୍ଜନ ରାଉତ, ଦେବୀପ୍ରସାଦ ପଟ୍ଟନାୟକ, ଶଙ୍କର ଚରଣ ଦାସ ପ୍ରମୁଖ ଜିଲାପାଳଙ୍କୁ ଭେଟି ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବି କରିଛନ୍ତି। ଏ ସଂକ୍ରାନ୍ତରେ ମୃତ୍ତିକା ସଂରକ୍ଷଣ ବିଭାଗ ସହକାରୀ ନିର୍ଦ୍ଦେଶକ ଡ. ଦୟାନିଧି ବାଗ କହିଛନ୍ତି, ମାସେ ହେଲା ଏଠାରେ ଯୋଗ ଦେଇଛନ୍ତି। ଯାହା ଉପରେ ଅଭିଯୋଗ ଉଠୁଛି ସେ ଗତବର୍ଷର କାମ। ତଥାପି ଅନୁସନ୍ଧାନ କରାଯିବ। ଯଦି ଘଟଣା ସତ୍ୟ ହୋଇଥାଏ ତେବେ କାର୍ଯ୍ୟାନୁଷ୍ଠାନ ହେବ।

## ଏସ୍‌ପିଙ୍କ ଦ୍ୱାରସ୍ଥ ହେଲେ ଯୁବକଙ୍କ ବାପା

**କଳିଙ୍ଗନଗର,୨୫।୭(ଡି.ଏନ.ଏ.)**

ଟମକା ଥାନା ପକ୍ଷରୁ ଟମକାଠାରେ ଗାଡ଼ି ଚେକିଂବେଳେ ଗଣ୍ଡଗୋଳ କରି ଜନିନ୍ଦାପାଳ ଗ୍ରାମର ଦୀପକ ରାଉତ ଓ ତାଙ୍କ ସାଙ୍ଗ ବିଦ୍ୟାଧର ମହାରଣା ଗିରଫ ହୋଇଥିଲେ। ଶନିବାର ଦୀପକଙ୍କ ବାପା ସୁଲଭ ରାଉତ ଜିଲା ଆରକ୍ଷୀ ଅଧୀକ୍ଷକଙ୍କ ନିକଟରେ ଟମକା ପୋଲିସ ମାତ୍ରାଧିକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛି ବୋଲି ଅଭିଯୋଗ କରିଛନ୍ତି। ସେ କହିଛନ୍ତି, ତାଙ୍କ ସ୍ତ୍ରୀଙ୍କ ଗୋଡ ଭାଙ୍ଗିଯାଇଥିବାରୁ ପୁଅ ଏବଂ ତାଙ୍କ ସାଙ୍ଗ ମେଡିସିନ ନେବାକୁ ଆସିଥିଲେ। ଥାନା ଏସ୍.ଆଇ. ତାଙ୍କୁ ଅଟକାଇ ଗାଡି କାଗଜପତ୍ର ମାଗିବାରୁ ଯୁକ୍ତିତର୍କ ହୋଇଥିଲା। ପୋଲିସ ସେମାନଙ୍କୁ ଥାନାକୁ ନେଇ ମାଡ଼ ମାରିଛି। ତେଣୁ ଅନ୍ୟ ଥାନା ପୋଲିସ ଦ୍ୱାରା ତଦନ୍ତ ପାଇଁ ସେ ଏସପିଙ୍କ ନିକଟରେ ଗୁହାରି କରିଛନ୍ତି।

# କ୍ୱାରାଣ୍ଟାଇନ୍ ସେଣ୍ଟରରେ ଚାଲିଛି ନିର୍ମାଣ କାର୍ଯ୍ୟ

**ମହାକାଳପଡ଼ା,୨୫।୭(ଡି.ଏନ୍.ଏ.)**

କରୋନା ସଂକ୍ରମଣକୁ ଦୃଷ୍ଟିରେ ରଖି କେନ୍ଦ୍ରାପଡ଼ା ଜିଲା ପ୍ରଶାସନ ପକ୍ଷରୁ କ୍ୱାରାଣ୍ଟାଇନ୍ ସେଣ୍ଟରରେ କଟକଣା ଜାରି କରାଯାଇଛି। ମାତ୍ର ମହାକାଳପଡ଼ା ବ୍ଲକ ଖରିନାସୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟସ୍ଥିତ କ୍ୱାରାଣ୍ଟାଇନ୍ କେନ୍ଦ୍ରରେ ନିୟମକୁ ଉଲ୍ଲଂଘନ କରାଯାଇଥିବା ଅଭିଯୋଗ ହୋଇଛି। କେନ୍ଦ୍ର ପରିସରରେ ଏକ ଅର୍ଦ୍ଧନିର୍ମିତ ପକ୍କାଗୃହର ପ୍ଲାଷ୍ଟରିଂ କାର୍ଯ୍ୟ କରାଯାଉଛି। ଠିକାଦାରଙ୍କ ତତ୍ତ୍ୱାବଧାନରେ ୨ ଜଣ ଲେଖାଏ ମିସ୍ତ୍ରି ଓ ଶ୍ରମିକ ନିୟୋଜିତ ଅଛନ୍ତି। ଏଠାରେ ପ୍ରବାସୀ ଥିବାବେଳେ ନିର୍ମାଣ କାର୍ଯ୍ୟ କିପରି କରାଯାଉଛି ସେନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ତୁରନ୍ତ ନିର୍ମାଣ କାର୍ଯ୍ୟ ବନ୍ଦ ପାଇଁ ସାମାଜିକ କର୍ମୀ ଓ ସ୍ଥାନୀୟ ଲୋକେ ଦାବି କରିଛନ୍ତି। ଏ ସମ୍ପର୍କରେ ଜିଲାପାଳ ସମର୍ଥ ବର୍ମା କହିଛନ୍ତି, ଏନେଇ ଅବଗତ ନ ଥିଲି। ତଦନ୍ତ କରାଯାଇ ପରବର୍ତ୍ତୀ କାର୍ଯ୍ୟାନୁଷ୍ଠାନ ନିଆଯିବ।


**OFFICE OF THE**
**NOTIFIED AREA COUNCIL, BIJEPUR**
At/P.O./P.S.- Bijepur, Dist.- Bargarh, PIN - 768032 (Odisha)
E-mail ID: bijepurnac2018@gmail.com
No. 754 Dt.24.07.2020

**"e" Procurement Notice**
**Bid Identification No. EO/Bijepur/01/2020-21**

Bid documents consisting of specification, the schedule of quantities and the set of terms and conditions of contract and other necessary documents can be seen in the Govt. website i.e. **www.tendersodisha.gov.in**.

1. Nature of Work : Civil Work
2. No. of Works : 08 Nos.
3. Estimated Cost : As per NIT
4. Period of Completion : As per NIT
5. Date and time of availability of the documents in the portal : From 10 hours of 27.07.2020 to 17 hours of 10.08.2020
6. Last date/time for receipt of bids in the portal : Dt.10.08.2020 upto 17 hours
7. Bids received online shall be opened on : Dt.12.08.2020 at 11 hours
8. Name and address of the Officer Inviting Bid : Executive Officer, NAC, Bijepur

Further the details can be seen from the procurement portal **www.tendersodisha.gov.in**.

Sd./- Executive Officer, NAC, Bijepur


# ଆବାସ ହିତାଧିକାରୀ ଚୟନରେ ଅନିୟମିତତା

**ରସୁଲପୁର,୨୫।୭(ଡି.ଏନ.ଏ.)**

- ଗୋଟିଏ ପରିବାରକୁ ଏକାଧିକ ଘର
- ଯୋଗ୍ୟଙ୍କୁ ମିଳୁ ନ ଥିବାରୁ ଅସନ୍ତୋଷ

ରସୁଲପୁର ବ୍ଲକ ଅଧୀନ ବ୍ରହ୍ମବରଦା ପଞ୍ଚାୟତରେ ପ୍ରଧାନମନ୍ତ୍ରୀ ଆବାସ ଯୋଜନା ହିତାଧିକାରୀ ଚୟନରେ ବ୍ୟାପକ ଅନିୟମିତତା ହୋଇଥିବା ଅଭିଯୋଗ ହୋଇଛି। ପଞ୍ଚାୟତର ଯୋଗ୍ୟ ହିତାଧିକାରୀଙ୍କୁ ଯୋଜନାରେ ସାମିଲ କରା ନ ଯାଇ ଅଯୋଗ୍ୟଙ୍କୁ ସାମିଲ କରାଯାଇଥିବା ଜଣାଯାଇଛି। ଏପରି କି ହିତାଧିକାରୀ ଚୟନରେ ଲାଞ୍ଚ କାରବାର ହେଉଛି। ତଦନ୍ତକାରୀ ଅଧିକାରୀମାନେ ଜାଣିଶୁଣି ଅଯୋଗ୍ୟଙ୍କୁ ତାଲିକାରେ ସ୍ଥାନ ଦେଉଛନ୍ତି। ଏହାକୁ ନେଇ ଅସନ୍ତୋଷ ପ୍ରକାଶ ପାଇଛି।

ପଞ୍ଚାୟତରେ ୨୦୨୦-୨୨ ପାଇଁ ଚୟନ ହୋଇଥିବା ତାଲିକାକୁ ଅନୁଧ୍ୟାନ କଲେ ଏହା ସ୍ପଷ୍ଟ ଅନୁମେୟ ହେଉଛି। ପଞ୍ଚାୟତ ପକ୍ଷରୁ ଚୟନ ହୋଇଥିବା ୧୦୯ଜଣ ହିତାଧିକାରୀ ତାଲିକାରେ ବହୁ ଅଯୋଗ୍ୟ ସ୍ଥାନ ପାଇଛନ୍ତି। ଅନେକଙ୍କ କୋଠାଘର ରହିଛି ଏବଂ କେତେଜଣଙ୍କ ପରିବାରରେ ପ୍ରଥମେ ମା'ଙ୍କୁ ଓ ପରେ ପୁଅକୁ ମଧ ଘର ଦିଆଯାଇଛି। ସେମାନଙ୍କ ମଧ୍ୟରୁ କେତେକ ପରିବାର ୨୦୧୧ ଜନଗଣନା ତାଲିକାରେ ଗୋଟିଏ ପରିବାର ସଦସ୍ୟ ରହିଛନ୍ତି। ନିୟମ ଅନୁଯାଇ ଗୋଟିଏ ପରିବାରକୁ ଗୋଟିଏ ଘର ମିଳିବା କଥା। କିନ୍ତୁ ଏଠାରେ ଗୋଟିଏ ପରିବାରକୁ ଏକାଧିକ ଘର ପ୍ରଦାନ କରାଯାଇଛି। ଘର ପାଇବାକୁ ତାଲିକାରେ ସ୍ଥାନ ପାଇଥିବା ଓ ଆବାସ ହାତେଇଥିବା ହିତାଧରକାରୀଙ୍କ ଜନଗଣନା ତାଲିକା, ଜମି ପଟ୍ଟା, ପଟ୍ଟାରେ ଉଲ୍ଲେଖ ଥିବା ପ୍ଲଟ ଓ ଖାତା ନଂ ଓ ଘର ହୋଇଥିବା ଜମିର କିସମ, ଖାତା, ପ୍ଲଟ ନଂ, ରାଶନ କାର୍ଡ, ସେମାନେ ଦେଇଥିବା ଚାଳଘରର ଫଟୋ ଆଦିକୁ ଭଲଭାବରେ ଯାଞ୍ଚ କରିବାକୁ ଦାବି ହୋଇଛି। ତେଣୁ ଯେଉଁମାନେ ଏପରି ଅନିୟମିତତା କରୁଛନ୍ତି ସେମାନଙ୍କ ବରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠନ ଗ୍ରହଣ କରିବା ପାଇଁ ସାମାଜିକ କର୍ମୀ ଅଶୋକ ଦାସ ଦାବି କରିଛନ୍ତି। ଏ ନେଇ ପଞ୍ଚାୟତ ନିର୍ବାହୀ ଅଧିକାରୀ ଅକ୍ଷୟ ସାମଲ କହିଛନ୍ତି, ପ୍ରାରମ୍ଭିକ ଅବସ୍ଥାରେ ପ୍ରଧାନମନ୍ତ୍ରୀ ଆବାସ ପାଇଁ ପ୍ରସ୍ତୁତ ତାଲିକାରେ ୧୦୯ଜଣଙ୍କ ନାମ ଥିଲା। ସେଥିରୁ ଅଯୋଗ୍ୟଙ୍କୁ ବାଦ ଦିଆଯାଇଛି। ଏବେ ଯୋଗ୍ୟ ହିତାଧିକାରୀଙ୍କ ସଂଖ୍ୟା ୮୭ ଅଛି। ଏହାଛଡ଼ା ଚୂଡ଼ାନ୍ତ ତାଲିକାରେ ସ୍ଥାନ ପାଇଥିବା ପରିବାରକୁ ଘର ଦିଆଯିବା ସମୟରେ ଆଉଥରେ ଯାଞ୍ଚ କରାଯିବ। ଯୋଗ୍ୟ ହେଲେ ସେମାନଙ୍କୁ ଦିଆଯିବ ନ ଚେତ ବାଦ ଦିଆଯିବ। ଏହାଛଡା ଏବେ କେବଳ ଯୋଗ୍ୟ ହିତାଧିକାରୀଙ୍କୁ ହିଁ ସରକାରୀ ଆବାସ ଉପଲବ୍ଧ ହୋଇଛି ବୋଲି ମତ ରଖିଛନ୍ତି।


**CLASSIFIED DISPLAY**

TARIFF — MORE SPACE • SAME PRICE — GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

ଅଲ୍ ଇଣ୍ଡିଆ ଖୋଲା ଚ୍ୟାଲେଞ୍ଜ
2 ଘଣ୍ଟାରେ 100% ଗ୍ୟାରେଣ୍ଟିଡ୍ ସମାଧାନ
ତାନ୍ତ୍ରିକ ମାଷ୍ଟର କିଙ୍ଗ୍ ଖାନ୍‌ଙ୍କ ଖୋଲା ଘୋଷଣା
ବ୍ୟବସାୟ, ପ୍ରେମରେ ସମସ୍ୟା ଓ ଶତ୍ରୁ ମୁକ୍ତି, ଗୃହକ୍ଲେଶ ଓ ସ୍ୱାମୀ-ସ୍ତ୍ରୀଙ୍କ ଝଗଡ଼ା, ପ୍ରେମବିବାହ, ପ୍ରପର୍ଟି, କୋର୍ଟ ମାମଲା, ଗୁପ୍ତରୋଗରେ ଔଷଧ କାମ ନ କରିବା, ପୁରୁଣା ପୀଡ଼ାରେ ଔଷଧ କାମ ନ କରିବା, ଯାଦୁ-ଟୋନା, ବଶୀକରଣ, ଗୁଣିଗାରେଡ଼ି, ବିବାହରେ ବାଧା, ମନପସନ୍ଦ ପ୍ରେମ।
A to Z ସମସ୍ୟାର ସମାଧାନ ଘରେ ବସି।
ସ୍ପେଶାଲିଷ୍ଟ ବଶୀକରଣ, ମୁଠକରଣୀ ଏବଂ କଳା ଯାଦୁ
ଆମେ କରିଥିବା କାମକୁ ଯଦି କୌଣସି ଜ୍ୟୋତିଷ, ପଣ୍ଡିତ କିମ୍ବା ମୌଲବୀ କାଟିଦିଅନ୍ତି ତେବେ ତାଙ୍କୁ ଦାବି ମୁତାବକ ପୁରସ୍କାର।
ବାବା ଆମିଲ ସୁଫି
7503449786
8800979262
ରାମ ମନ୍ଦିର, ସତ୍ୟନଗର, ଭୁବନେଶ୍ୱର

କାମ ନ ହେଲେ ପୂରା ଟଙ୍କା ଫେରସ୍ତ
ସମସ୍ୟା ଅଛି ତ ସମାଧାନ ମଧ ଅଛି
ଯେମିତି ଚାହିଁବେ ସେମିତି ହିଁ ହେବ - My Promise
ମିଆଁ ସୁଫି ଜୀ
7248297104
ଯେକୌଣସି କାମର 3 ଘଣ୍ଟାରେ 100% ସମାଧାନ
ସ୍ପେଶାଲିଷ୍ଟ:- ମୋହିନୀ ବଶୀକରଣ, ବ୍ୟବସାୟରେ ବାଧା, ରୁଷିଥିବା ବ୍ୟକ୍ତିଙ୍କୁ ରାଜି କରାଇବା, ବିବାହରେ ବାଧା, ଶତ୍ରୁ ଓ ପଡ଼ୋଶୀ ହଇରାଣ କରିବା, ଯଦି ଆପଣଙ୍କ ସ୍ୱାମୀ କିମ୍ବା ପୁତ୍ର କାହା ବଶରେ ଥାଆନ୍ତି ତେବେ ଥରେ ନିଶ୍ଚୟ ଫୋନ୍ କରନ୍ତୁ।
ଭଣ୍ଡ ବାବାମାନଙ୍କ ପ୍ରତି ସାବଧାନ!
ଫୋନ୍‌ରେ ଘରେ ବସି 100% ସମାଧାନ ପାଆନ୍ତୁ
8054793195

ସରସ ଫାଇନାନ୍ସ
ଋଣ କରାନ୍ତୁ ମାତ୍ର 24 ଘଣ୍ଟାରେ
ସବୁ ଯୋଜନା ଅଧୀନରେ
ପ୍ରପର୍ଟି, ମାର୍କଶିଟ୍, ପର୍ସନାଲ ଆଧାର ଋଣ, ପଶୁପାଳନ, ବ୍ୟବସାୟ ଓ ଗୃହ ଋଣ
50% ଛାଡ଼ 1% ସୁଧ
କମ୍ ସୁଧ ହାରରେ ଋଣ ମିଳିବ
ଥରେ ସେବାର ସୁଯୋଗ ଦିଅନ୍ତୁ Online ସୁବିଧା
ସବୁ ପ୍ରକାର ଋଣ ଘରେ ବସି ପାଆନ୍ତୁ
8595495741
8595477915
Email: sarasfinance77@gmail.com

ନିଜ ଜମିକୁ ରୋଜଗାରର ମାଧ୍ୟମ ବନାନ୍ତୁ
GALAXY TOWER CO.
କମ୍ପାନୀ ଦ୍ୱାରା ଖାଲି ଜମି, ଛାତ, ଖେତ ଓ ପ୍ଲଟ୍‌ରେ ଡାଇରେକ୍ଟ କମ୍ପାନୀର ସିନିୟର ଅଧିକାରୀଙ୍କ ସହ କଥା ହୋଇ
ଡିଜିଟାଲ ମଲ୍ଟିମିଡିଆ ଟାୱାର ଲଗାନ୍ତୁ।
ଅଗ୍ରିମ: 60 ଲକ୍ଷ
ଭଡ଼ା: 45 ହଜାର
+ ମାସିକ 20 ହଜାରର ଅନ୍ୟାନ୍ୟ ସୁବିଧା
କମ୍ପାନୀ ତରଫରୁ ମାଗଣା ମୋବାଇଲ + ବାଇକ୍
ଡାଇରେକ୍ଟ କମ୍ପାନୀ ସହ ଯୋଗାଯୋଗ କରନ୍ତୁ
94856-87401
87654-83137

ନିଜ ଜମିକୁ ରୋଜଗାରର ମାଧ୍ୟମ ବନାନ୍ତୁ
HINDUSTHAN TOWER
ଭାରତ ସରକାରଙ୍କ ଦ୍ୱାରା ସ୍ୱୀକୃତିପ୍ରାପ୍ତ
ନିଜ ଖାଲି ଜମି, ଛାତ, ଖେତ ପ୍ଲଟ୍, ଦୋକାନ, ଘର ଭଡ଼ାରେ ଦେଇ ମଲ୍ଟିମିଡିଆ ଡିଜିଟାଲ ଟାୱାର ଲଗାନ୍ତୁ
ଆଡଭାନ୍ସ: 60 ଲକ୍ଷ
ଭଡ଼ା: 45 ହଜାର
+ ମାସିକ 20 ହଜାରର ଅନ୍ୟାନ୍ୟ ସୁବିଧା
କମ୍ପାନୀ ତରଫରୁ ମାଗଣା ମୋବାଇଲ + ବୋଲେରୋ
(କାମ ଆମର, ବିଶ୍ୱାସ ଆପଣଙ୍କର)
94517-83485
94535-88342

ଜାତୀୟ ପୁରସ୍କାର ବିଜେତା
Sri Ram Finance
ସରକାରୀ ଯୋଜନା ଅନ୍ତର୍ଗତ ସୁବର୍ଣ୍ଣ ସୁଯୋଗ ସମସ୍ତ ପ୍ରକାର ଲୋନ -
ମାର୍କସିଟ, ଆଧାରକାର୍ଡ଼, ପର୍ସନାଲ, ସମ୍ପତି, ସମ୍ପତି, ବ୍ୟବସାୟ, ମୁଦ୍ରା BPL ଋଣ ଇତ୍ୟାଦି ଘରେ ବସି ପାଆନ୍ତୁ।
ଅନ୍‌ଲାଇନ୍ ବ୍ୟାଙ୍କିଙ୍ଗ୍ ଓ ସରଳ କିସ୍ତିରେ
2% ସୁଧ ଏବଂ 50% ଛାଡ
ଥରେ ସେବା ର ଅବସର ଅବଶ୍ୟ ଦିଅନ୍ତୁ
DELHI CHANDNI CHOWK
8295835122

ପାଠକଙ୍କ ପାଇଁ ସୂଚନା:
ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

ପାର୍ଟ ଟାଇମ୍ କାମ
ଟେଲିକମ୍ 4ଜି କମ୍ପାନୀରେ (ଏସ୍‌ଏମ୍‌ଏସ୍-କାମ) କରି, ପୁଅ, ଝିଅ, ଗୃହିଣୀମାନେ ଘରେ ବସି ମାସିକ 15,000-45,000 ରୋଜଗାର କରନ୍ତୁ। ଲାପ୍‌ଟପ୍ + ମୋବାଇଲ ମାଗଣା ଏସ୍‌ଏମ୍‌ଏସ୍/କଲ୍ କିମ୍ବା ହ୍ୱାଟ୍ସଆପ୍ କରନ୍ତୁ
ମୋବାଇଲ + ଲାପ୍‌ଟପ୍ ମାଗଣା
07044895450
07044895402

କରୋନା ପରେ Income ପାଇଁ ଆମ କମ୍ପାନୀ
INDUS TOWER LTD.
ନିଜ ଖାଲି ଜମି, ଛାତ, ଖେତ, ପ୍ଲଟ୍‌ରେ ଡିଜିଟାଲ ଟାୱାର ଲଗାନ୍ତୁ
ଅଗ୍ରିମ- 65 ଲକ୍ଷ
ଭଡ଼ା- 65,000
ବାଇକ୍ ଅନ୍ୟାନ୍ୟ ସୁବିଧା
1ରୁ 100 କଲରଙ୍କୁ ବିଶେଷ ରିହାତି
କାମ ଆମର - ବିଶ୍ୱାସ ଆପଣଙ୍କର
75290-79967
B-34/7 A Block Vijay Enclave, Bururi, New Delhi

